**ଯାଜପୁର ରୋଡ୍ ଫୁଟବଲ୍ ଲିଗ୍**

ଯାଜପୁର ରୋଡ୍,(ଡି.ଏନ.ଏ.): ଯାଜପୁରରୋଡ୍ ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ରବିବାର ଏନ୍.ସି. ହାଇସ୍କୁଲ ଖେଳ ପଡ଼ିଆରେ ଯାଜପୁର ରୋଡ୍ ଫୁଟବଲ୍ ଲିଗ୍‌ର ଦ୍ୱିତୀୟ ଦିନର ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୱାଇସ୍ କ୍ଲବ ୨-୦ ଗୋଲରେ ମର୍ଣ୍ଣିଂ କ୍ଲବକୁ ପରାସ୍ତ କରିଥିଲା। ଆନ୍ଦ୍ରିୟସ କାଣ୍ଡୁଲନା, ଲକ୍ଷ୍ମଣ ଗାଗରାଇ, ବୁଦ୍ଧିରାମ ତିରିଆ ଓ ବିଜୟ କୁମାର ନାୟକ ଖେଳ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ଗଛରେ ରଶି ବାନ୍ଧି ବୃଦ୍ଧଙ୍କ ଆତ୍ମହତ୍ୟା

**ଆଣ୍ଠୁଗଣ୍ଠି ଯନ୍ତ୍ରଣା ଅସହ୍ୟ ହେଲା**

ଜେନାପୁର/ଧର୍ମଶାଳା,(ଡି.ଏନ.ଏ.) ୨୯।୮-ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଜେନାପୁର ଗ୍ରାମର ଜଣେ ବୃଦ୍ଧଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଆମ୍ବ ଗଛରୁ ରବିବାର ଜବତ କରାଯାଇଛି। ମୃତକ ହେଲେ ଜେନାପୁର ଗ୍ରାମ ୬ ନମ୍ବର ୱାର୍ଡ଼ର ଶୁକଦେବ ସେଠୀ (୭୫)। ଅପରାହ୍ନରେ ସେ ଏକ ଶିଡ଼ିରେ ନିଜ ଘର ପଛରେ ଥିବା ଆମ୍ବ ଗଛ ଉପରକୁ ଚଢ଼ି ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକେ କହିଛନ୍ତି। ବହୁଦିନ ହେଲା ସେ ଆଣ୍ଠୁଗଣ୍ଠି ରୋଗରେ ଆକ୍ରାନ୍ତ ଥିଲା। ଯନ୍ତ୍ରଣା ସହି ନ ପାରି ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ମେଡିକାଲକୁ ପଠାଇଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୭/୨୧) ରୁଜୁ ହୋଇଥିବା ପୋଲିସ କହିଛି।

### ମା' ତାରିଣୀ ପୀଠ ପୁନରୁଦ୍ଧାର ଦାବି

**ଯାଜପୁର ଅଫିସ,୨୯।୮:** ୫୩ ନମ୍ବର ଜାତୀୟ ରାଜପଥର ଚଢେଇଧରା ତଳ ଛକରେ ୫୦ରୁ ଊର୍ଦ୍ଧ୍ୱ ବର୍ଷ ତଳେ ସ୍ଥାପିତ ମା' ତାରିଣୀ ପୀଠ ଅବହେଳିତ ହୋଇପଡ଼ିଛି। ପୀଠର ଚାରିପାର୍ଶ୍ୱରେ ପରିବେଶ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜାତୀୟ ରାଜପଥ ଦୋହରୀକରଣ କାମ ବାହାନାରେ ଠିକାଦାର ଏହି ଧାର୍ମିକ ପୀଠକୁ ତାଡି ନଷ୍ଟ କରି ଦେଇଥିବା ଦେଖିବାକୁ ମିଳିଛି। ଫଳରେ ମନ୍ଦିରରେ ପାଣି କାଦୁଅ ଜମି ରହି ସମଗ୍ର ପରିବେଶକୁ ଗନ୍ଧମୟ କରିଦେଇଛି। ଏନେଇ ମା' ତାରିଣୀ ଶ୍ରମିକ ସଂଘର ସଭାପତି ବିଦ୍ୟାଧର ପରିଡ଼ା, ଉପ ସମ୍ପାଦକ ଚିନ୍ତାମଣି ରାଉତ, ପାଣ୍ଡୁ ରାଉତ, ବଇନ ବେହେରା ପୀଠର ପୁନରୁଦ୍ଧାର କରିବାକୁ ଦାବି କରିଛନ୍ତି।

### ଯାଜପୁର ଜିଲା ଶିକ୍ଷା ଅଧିକାରୀ ରଞ୍ଜନ ଗିରିଙ୍କ ଯୋଗଦାନ

**ଯାଜପୁର ଅଫିସ,୨୯।୮:** ଯାଜପୁର ଜିଲା ଶିକ୍ଷା ଅଧିକାରୀ ଭାବେ ରଞ୍ଜନ କୁମାର ଗିରି କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ସେ ବାଲେଶ୍ୱର ଜିଲା ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଯାଜପୁର ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ କଟକ ବଦଳି କରାଯିବା ପରେ ଏହି ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଥିଲା। ଗିରି ଯୋଗଦେବା ପରେ ଜିଲା ସରକାରୀ ହାଇସ୍କୁଲ, ଏନ୍ଏସ୍ଏସ୍ ଶିକ୍ଷକ ସଂଘ କର୍ମକର୍ତ୍ତାମାନେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ।

### ଯୁବକ ସଂଘ ପକ୍ଷରୁ ଜରି ଗ୍ରାମ ସଫେଇ

**ସିଂହପୁର,୨୯।୮(ଡି.ଏନ.ଏ.):** ବିଂଝାରପୁର ବ୍ଲକ ଅଧୀନ ଜରି ଗ୍ରାମ ପରିବେଶ ବିପର୍ଯ୍ୟସ୍ତ ହୋଇ ପଡିଛି। ଯୁବକ ସଂଘ ପକ୍ଷରୁ ରବିବାର ଗ୍ରାମ ସଫେଇ କରାଯାଇଛି। ଯୁବ ସମାଜିକ କର୍ମୀ ଅମର ମଲ୍ଲିକଙ୍କ ନେତୃତ୍ୱରେ ଜରି ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଓ ଗ୍ରାମ୍ୟରାସ୍ତା ସଫେଇ କରାଯାଇଥିଲା। ରୋଗ ପ୍ରତିରୋଧ ପାଇଁ ସ୍ୱଚ୍ଛତା ଆବଶ୍ୟକ ବୋଲି ଉପସ୍ଥିତ ଯୁବକମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବକସଂଘ କର୍ମକର୍ତ୍ତା ଓ ମହିଳାମାନେ ସାମିଲ ହୋଇଥିଲେ। ବିଜୁ ମଲ୍ଲିକ, ତ୍ରିଲୋଚନ ମଲ୍ଲିକ, ମୁନା ଧଳ, କୁନା ମହାନ୍ତି, କାଳିନ୍ଦୀ ମଲ୍ଲିକ, ବିରଞ୍ଚି ମଲ୍ଲିକ ସମେତ ସ୍ଥାନୀୟ ଯୁବକମାନେ ସାମିଲ ହୋଇଥିଲେ।

# ଉପେକ୍ଷିତ ହୀରକ ତ୍ରିଭୁଜ

- ୨ ବର୍ଷ ହେଲା ଅଟକିଛି ରାସ୍ତା ସମ୍ପ୍ରସାରଣ
- ବିଳମ୍ବ ସହ ନିମ୍ନମାନର କାର୍ଯ୍ୟ ଅଭିଯୋଗ
- ଗୌରବ କନ୍‌ଷ୍ଟ୍ରକ୍ସନକୁ କାରଣ ଦର୍ଶାଅ ନୋଟିସ



ରତ୍ନଗିରି।

**ଯାଜପୁର ଅଫିସ,୨୯।୮**

ବୌଦ୍ଧ କୀର୍ତ୍ତିରାଜିର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ତଥା ହୀରକ ତ୍ରିଭୁଜ ବଳୟ ରତ୍ନଗିରି-ଉଦୟଗିରି-ଲଳିତଗିରିର ଭିତ୍ତିଭୂମି ବିକାଶ ବହୁ ପଛରେ ରହିଯାଇଛି। ପ୍ରାୟ ପ୍ରତିବର୍ଷ ରକ୍ଷଣାବେକ୍ଷଣ ନାଁରେ ଆସୁଥିବା ଅର୍ଥର ବିନିଯୋଗ ଠିକ ଭାବେ ହେଉ ନ ଥିବାରୁ ବିଶ୍ୱପ୍ରସିଦ୍ଧ ଏହି ବୌଦ୍ଧବିହାର ତା'ର ଅସ୍ତିତ୍ୱ ହରାଇବାକୁ ବସିଛି। ଏଭଳି ସ୍ଥିତିରେ ଏହି ତିନି ପର୍ଯ୍ୟଟନସ୍ଥଳୀକୁ ସଂଯୋଗ କରୁଥିବା ୬.୪ କିମି ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହୋଇଛି। ଚାରଭାଟିଆ ଆର ଆଣ୍ଡ ବି(ପୂର୍ତ୍ତ) ଡିଭିଜନ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଏହି ରାସ୍ତା ଅବଧିର ପାଖାପାଖି ୨ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଠିକା ସଂସ୍ଥା ଗୌରବ କନଷ୍ଟ୍ରକ୍ସନର ଦେଖା ମିଳୁ ନାହିଁ। ଏହି ମର୍ମରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସମ୍ପୃକ୍ତ ଠିକାସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ୭ ଦିନ ମଧ୍ୟରେ ଉତ୍ତର ନ ରଖିଲେ ଚୁକ୍ତି ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

୧୯୮୬ ଜାନୁୟାରୀ ୧ରୁ ଉଦୟଗିରି ବୌଦ୍ଧପୀଠରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ଦ୍ୱାରା ଉତ୍ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୯୮୭ ମାର୍ଚ୍ଚରେ ଖନନ ସମୟରେ ଏକ ବିଶାଳ ଧ୍ୟାନୀ ମହାସ୍ତୂପ ଓ ସ୍ତୂପର ଉତ୍ତର-ପଶ୍ଚିମ ଓ ଦକ୍ଷିଣ-ଉତ୍ତର କୋଣରେ ବୁଦ୍ଧ ମହାବିହାର ମଧ ଆବିଷ୍କୃତ ହୋଇଥିଲା। ୪୫ ଫୁଟ ଲମ୍ବ ଏବଂ ଓସାର ବିଶିଷ୍ଟ ଏହି ମାଧବପୁର ବୌଦ୍ଧ ମହାବିହାର ଅଷ୍ଟମ-ନବମ ଶତାବ୍ଦୀର ଏକ ବିରଳ କୀର୍ତ୍ତିରାଜି ବୋଲି ସେତେବେଳେ ଜଣାପଡ଼ିଥିଲା। ସେହିଭଳି ୧୯୯୮ରେ ଦ୍ୱିତୀୟ ପର୍ଯ୍ୟାୟ ଉତ୍ଖନନ ସମୟରେ ସିଂହପ୍ରସ୍ଥ ମହାବିହାର ଓ ବିରଳ ଚୈତ୍ୟଗୃହ ମଣ୍ଡଳ ଆବିଷ୍କୃତ ହୋଇଥିଲା। ତେବେ ସେଠାରୁ ଆଉ ଖନନ ହୋଇନାହିଁ। ବିଗତ କିଛିବର୍ଷ ତଳେ ଉଦୟଗିରି ବୌଦ୍ଧ ମହାବିହାରରୁ ୩ ଥର ବିରଳ ମୂର୍ତ୍ତି ଚୋରି ହୋଇଛି। ହେଲେ ତାହା ଏ ପର୍ଯ୍ୟନ୍ତ ଉଦ୍ଧାର ହୋଇ ପାରିନାହିଁ। ଆବିଷ୍କୃତ ମନୋରମ ସିଂହପ୍ରସ୍ଥ ବୌଦ୍ଧବିହାର ଏବେ ଭଗ୍ନସ୍ତୂପରେ ପରିଣତ ହେଲାଣି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଓ ଖୋଲା ଆକାଶ ତଳେ ସଂରକ୍ଷଣ ଅଭାବରୁ ସିଂହପ୍ରସ୍ଥ ବୌଦ୍ଧବିହାରଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଏଭଳି ପ୍ରସିଦ୍ଧ ବୌଦ୍ଧପୀଠକୁ ବିଶ୍ୱ ଦରବାରରେ ପରିଚିତ କରାଇବା ଉଦ୍ୟମ ସହ ଏଠାକୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରାଇବା ଲାଗି ଏଠାରେ ଦୁଇବର୍ଷ ହେବ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ଆୟୋଜନ କରାଯାଉଛି। ସେ ବାବଦରେ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ବୌଦ୍ଧ ସମ୍ମିଳନୀ ସମୟରେ ଦେଶବିଦେଶରୁ ଆସିଥିବା ଅନେକ ଗବେଷକ ଓ ପର୍ଯ୍ୟଟକ ଏହି ବୌଦ୍ଧପୀଠକୁ ବିଶ୍ୱରେ ଏକ ବିରଳତମ ପୀଠ ବୋଲି ଅଭିହିତ କରିବା ସହ ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ସେହିପରି ୧୯୦୩ରେ ଯାଜପୁରର ତତ୍କାଳୀନ ଏସ୍‌ଡିଓ ମନମୋହନ ଚକ୍ରବର୍ତ୍ତୀ ରତ୍ନଗିରି ପୀଠକୁ ସର୍ବେକ୍ଷଣ କରି ଏକ ସନ୍ଦର୍ଭ ଲେଖିଥିଲେ। ପରେ ଏଏସ୍ଆଇ ଦ୍ୱାରା ସର୍ବେକ୍ଷଣ କରାଯାଇ ୧୯୫୮ରେ ଏହାର ଉତ୍ଖନନ କରାଯାଇଥିଲା। ଉତ୍ଖନନ ସମୟରେ ବିଶାଳ ଓ ପରିବ୍ୟାପ୍ତ ବୌଦ୍ଧ କୀର୍ତ୍ତିରାଜିର ସନ୍ଧାନ ମିଳିଥିଲା। ରତ୍ନଗିରି ଉତ୍ଖନନରୁ ବିପୁଳ ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ସମେତ ବିଭିନ୍ନ ମୁଦ୍ରାରେ ଆସୀନ ମନୋଜ୍ଞ ବୌଦ୍ଧ ବିଗ୍ରହ ବୋଧିସତ୍ତ୍ୱ, ତାରା, ହାରିତୀ, ବସୁଧାରା, ପ୍ରଜ୍ଞାପାରମିତା, ମଞ୍ଜୁଶ୍ରୀ, ମହାକାଳ, ହେରୁକ, ପଦ୍ମପାଣି ବୁଦ୍ଧ ଓ ଅପରାଜିତାଙ୍କ ଶହଶହ ପ୍ରତିମା ଆବିଷ୍କୃତ ହୋଇଛି। ରତ୍ନଗିରିଠାରେ ଥିବା ମନୋରମ ସଂଗ୍ରହାଳୟରେ ଶତାଧିକ ବୌଦ୍ଧ ଭାସ୍କର୍ଯ୍ୟ, ପୁରାତନ ଅସ୍ତ୍ରଶସ୍ତ୍ର ଆଦି ସ୍ଥାନ ପାଇଛି। ରତ୍ନଗିରି ଏବଂ ତା'ର ସନ୍ନିକଟ ଲଳିତଗିରିରୁ ପ୍ରସ୍ଫୁଟିତ ହୋଇଥିବା ପ୍ରତ୍ନତାତ୍ତ୍ୱିକ ଭଗ୍ନାବଶେଷକୁ କଳାସ୍ଥଳୀ ହୀରକ ତ୍ରିକୋଣ ନାମରେ ଅଭିହିତ କରାଯାଏ। ପର୍ଯ୍ୟଟନ ଋତୁରେ ଏହି ବୌଦ୍ଧପୀଠକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଭ୍ରମଣରେ ଆସିଥାନ୍ତି। ହେଲେ ଉନ୍ନତମାନର ରାସ୍ତା ନ ଥିବାରୁ ଏହି ପର୍ଯ୍ୟଟନସ୍ଥଳୀର ଗୁରୁତ୍ୱ ହ୍ରାସ ହେଉଛି। ପୂର୍ତ୍ତ ବିଭାଗ ପକ୍ଷରୁ ୨୦୧୮-୧୯ ବର୍ଷରେ ଏହି ରାସ୍ତାର ସମ୍ପ୍ରସାରଣ ପାଇଁ ଷ୍ଟେଟ ପ୍ଲାନରୁ ୯ କୋଟି ୪୩ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ରାସ୍ତା କାର୍ଯ୍ୟକୁ ୫।୯।୨୦୧୯ ସୁଦ୍ଧା ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଠିକାସଂସ୍ଥା ଇତିମଧ୍ୟରେ ୩୧।୩।୨୦୨୧ ଓ ୩୦।୬।୨୦୨୧ ସୁଦ୍ଧା ଶେଷ କରିବାକୁ ଦିନ ଗଡାଇ ଚାଲିଛି। ତାହା ମଧ୍ୟ ସଫଳ ହୋଇ ପାରିନାହିଁ। ମୋଟ ଆବଣ୍ଟିତ ଅନୁଦାନର ମାତ୍ର ୬୦% ଅନୁସାରେ ୫ କୋଟି ୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ପାରିଛି। ହେଲେ ଯେତେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ତାହାର ମାନ ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପୂର୍ଣ୍ଣ ଶିକ୍ଷକ ମାନ୍ୟତା ପ୍ରଦାନ ଦାବି ଜୋର ଧରିଲା

**ସାମୟିକ କଳା, କ୍ରୀଡ଼ା ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

**ରସୁଲପୁର,୨୯।୮(ଡି.ଏନ.ଏ.)**

ଯାଜପୁର ଜିଲା ସାମୟିକ କଳା ଓ କ୍ରୀଡ଼ା ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କ ପୂର୍ବରୁ ଲାଗିଥିବା ସାମୟିକ ପଦକୁ ଉଚ୍ଛେଦ କରି ପୂର୍ଣ୍ଣ ଶିକ୍ଷକ ମାନ୍ୟତା ପ୍ରଦାନ କରିବାକୁ ଦାବି କରାଯାଇଛି। ସଂଘ ପକ୍ଷରୁ ଉକ୍ତ ଦାବିପତ୍ରକୁ ଜିଲାର ବିଧାୟକ ଓ ଏମ୍‌ପିମାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି।

ରବିବାର ସଂଘର ସଭାପତି ଅଶୋକ କୁମାର ବରାଳଙ୍କ ନେତୃତ୍ୱରେ ସମ୍ପାଦକ ରଞ୍ଜିତ ମଲ୍ଲିକ, ଉପ-ସଭାପତି ଶିବାନୀ ସିଂ, ଆଶିଷ ଦେବଶ୍ରୀ ମଲ୍ଲିକ,ରବିନାରାୟଣ ଦଳାଇ, ମନସ୍ୱିନୀ ସାହୁ, ମିନତୀ ନାୟକଙ୍କ ସମେତ ବହୁ ଶିକ୍ଷକ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ନିଯୁକ୍ତି ପାଇଥିବା ସମସ୍ତ ସାମୟିକ କଳା ଓ କ୍ରୀଡ଼ା ପ୍ରଶିକ୍ଷକମାନେ ୮ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କର୍ତ୍ତବ୍ୟ ନିର୍ବାହ କରିଆସୁଛନ୍ତି। ସମସ୍ତ ସରକାରୀ କାର୍ଯ୍ୟରେ ସହଯୋଗ କରିଆସୁଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ସାମୟିକ ପ୍ରଶିକ୍ଷକମାନଙ୍କୁ ପ୍ରାଥମିକ ଚୁକ୍ତିଭିତ୍ତିକ ଶିକ୍ଷକଭାବେ ନିଯୁକ୍ତି ଦିଆଯିବା ସହିତ ୧୨ ମାସିଆ ଦରମା ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି। ଉକ୍ତ ନିର୍ଦ୍ଦେଶନାମାକୁ ସରକାରୀସ୍ତରରେ ତୁରନ୍ତ କାର୍ଯ୍ୟକାରୀ କରାଯାଉ। କାମ ନାହିଁ ତ ଦରମା ନାହିଁ, ସାମୟିକ ଶିକ୍ଷକ ଭଳି ପଦକୁ ଉଚ୍ଛେଦ କରାଯାଇ ପୂର୍ଣ୍ଣ ଶିକ୍ଷକର ମାନ୍ୟତା ପ୍ରଦାନ କରିବାକୁ ସଂଘ ପକ୍ଷରୁ ବିଧାୟକ ଓ ଏମ୍‌ପିମାନଙ୍କ ସହ ଆଲୋଚନା କରାଯାଇଛି। ଶିକ୍ଷକମାନଙ୍କ ସମସ୍ୟା ସମ୍ପର୍କରେ ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆସନ୍ତା ବିଧାନସଭାରେ ସେମାନଙ୍କ ସମସ୍ୟାକୁ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି। ଏହି ମର୍ମରେ ସଂଘ ପକ୍ଷରୁ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀଙ୍କ ସମେତ ଜିଲାର ସମସ୍ତ ବିଧାୟକମାନଙ୍କୁ ଭେଟି ଶିକ୍ଷକମାନଙ୍କ ସମସ୍ୟା ସମ୍ପର୍କରେ ସଂଘର କର୍ମକର୍ତ୍ତା ଆଲୋଚନା କରିଛନ୍ତି।



ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ବିଜେଡିର କର୍ମଶାଳା, ମିଶ୍ରଣ ପର୍ବ

**ବରୀ,୨୯।୮(ଡି.ଏନ.ଏ.)**

ବିକଶିତ ବରୀ ଗଠନରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଓ ବରୀବାସୀଙ୍କ ଆଶୀର୍ବାଦ ଯୋଗୁ ସଫଳ ହେବାକୁ ଯାଉଛି ବୋଲି ରବିବାର ଅରଙ୍ଗାବାଦ ପଞ୍ଚାୟତ ରଜାପୁରଠାରେ ଆୟୋଜିତ ଏକ କର୍ମଶାଳାରେ ଯୋଗଦେଇ ବରୀ ବିଧାୟିକା ସୁନନ୍ଦା ଦାସ କହିଛନ୍ତି। ମହିଳାମାନେ ସ୍ୱାବଲମ୍ବୀ ହୋଇ ନିଜର ହକ୍ ଜାହିର କରିବା ସହ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ନିଜର କର୍ତ୍ତବ୍ୟ ପାଳନ କଲେ ଆଗାମୀ ଦିନରେ ବିକଶିତ ବରୀର ସ୍ୱପ୍ନ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅରଙ୍ଗାବାଦ ପଞ୍ଚାୟତର ଯୁବନେତା ଉମେଶ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିବା ବେଳେ ବ୍ଲକ୍ ବିଜେଡି ସଭାପତି କେଦାର ସାମଲ, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ସରପଞ୍ଚ ସନ୍ତୋଷ ସାମଲ, ରମାକାନ୍ତ ମଲ୍ଲିକ, ଅରବିନ୍ଦ ମହାନ୍ତି, ଆର୍ତ୍ତବନ୍ଧୁ ସାମଲ, ଅଜିତ କୁମାର ଜେନା, ସୁବୋଧ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଅରଙ୍ଗାବାଦ ପଞ୍ଚାୟତର ବହୁ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ବିଧାୟିକା ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ମହିଳାଙ୍କୁ ପୋଡ଼ି ହତ୍ୟା ଅଭିଯୋଗ

**ଅଭିଯୁକ୍ତଙ୍କ ଗିରଫ ଦାବି**

**ଚଣ୍ଡିଖୋଲ,୨୯।୮(ଡି.ଏନ.ଏ.)**

ବାଲିଚନ୍ଦ୍ରପୁର ଥାନା ଅଧୀନ ତାଲୁଆ ଗ୍ରାମର ପ୍ରମୋଦ ମହାନ୍ତିଙ୍କ ସ୍ତ୍ରୀ ମିଲି (୨୩) ଗତ ୨୨ ତାରିଖରେ ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଗତ ୨୭ ତାରିଖରେ ତାଙ୍କର ମୃତ୍ୟୁ ଘଟିଛି। ଝିଅକୁ ନିଆଁ ଲଗାଇ ହତ୍ୟା କରାଯାଇଛି ଦର୍ଶାଇ ମିଲିଙ୍କ ମାଆ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୨୫୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନ ଥିବା ସୂଚନା ମିଳିଛି।

ବାଲିଚନ୍ଦ୍ରପୁର ଥାନା ଅଧୀନ ମୁଷାଟିକିରି ଗ୍ରାମର ସୁବାସ ଶାନ୍ତିଙ୍କ ଝିଅ ମିଲି ଚୌଦ୍ୱାରରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ନିକଟସ୍ଥ ତାଲୁଆ ଗ୍ରାମର ହରି ମହାନ୍ତିଙ୍କ ପୁଅ ପ୍ରମୋଦଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟ କିଛି ଦିନ ଏକାଠି ରହିବା ପରେ ଗ୍ରାମବାସୀଙ୍କ ଚାପରେ ଗତ ଫେବୃୟାରୀ ୩ରେ ଦର୍ପଣ ତହସିଲରେ ରେଜେଷ୍ଟ୍ରୀ ବିବାହ କରିଥିଲେ। ବିବାହ ପରେ ମିଲି ଶାଶୁ ଘରେ ରହୁଥିଲେ। ଗତ ଜୁନ ମାସରେ ଏହି ଦମ୍ପତ୍ତିଙ୍କ ମଧ୍ୟରେ ଝଗଡ଼ା ହେବାରୁ ମିଲି ବାପ ଘରକୁ ଚାଲି ଆସିଥିଲେ। ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତରଫରୁ ଉଭୟଙ୍କୁ ଡକାଯାଇ ଗ୍ରାମବାସୀଙ୍କ ଉପସ୍ଥିତିରେ ମିଳାମିଶା କରି ଛାଡିଦିଆଯାଇଥିଲା। ତେବେ ପୁନର୍ବାର ଗତ ୨୨ ତାରିଖରେ ଉଭୟଙ୍କ ମଧ୍ୟରେ ଝଗଡା ହେବାରୁ ପ୍ରମୋଦ ଓ ତାଙ୍କ ପରିବାର ଲୋକେ ମିଳି ଉପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ପ୍ରଥମେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଗତ ୨୭ ତାରିଖରେ ମୃତ୍ୟୁ ହେଇଯିବାରୁ କମଳା ଶାନ୍ତି ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ୨ ଦିନ ପରେ ବି ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା କମଳା କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ଥାନା ଅଧିକାରିଣୀ ବିଜୟିନୀ ମଲ୍ଲଙ୍କୁ ପଚାରିବାରେ ସେ କୁହନ୍ତି, ମିଲି ପୋଡ଼ି ହୋଇଯିବା ପରେ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଆମେ କଟକ ଯାଇ ତାର ବୟାନ ରେକର୍ଡ କରିଛୁ। ଅଭିଯୁକ୍ତମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ।

## ସରୋଜିନୀ ସାହିତ୍ୟ ସଂସଦ ଉଦ୍‌ଘାଟିତ

**ସମ୍ବର୍ଦ୍ଧନା, ପୁସ୍ତକ ଓ ଲୋଗୋ ଉନ୍ମୋଚନ ଉତ୍ସବ**

**ଧର୍ମଶାଳା,୨୯।୮(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଶାନ୍ତିବଜାର କଲୋନୀସ୍ଥିତ ସରୋଜିନୀ ସାହିତ୍ୟ ସଂସଦର ଉଦ୍‌ଘାଟନ ଉତ୍ସବ ସଭାପତି ଡ. ପୁରୁଷୋତ୍ତମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ପୂର୍ବତନ ଏମ୍‌ପି ରୀତା ତରାଇ ଉଦ୍‌ଘାଟନ କରି ଆଦର୍ଶ ଶିକ୍ଷୟିତ୍ରୀ ସରୋଜିନୀ ଦାସଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଧିର କୁମାର ସାହୁ ଓ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ରାଜକିଶୋର ପାଢୀ ଯୋଗଦେଇ ଥିଲେ। ସାଙ୍ଗଠନିକ ସମ୍ପାଦକ ଇଂ. ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଡ. ଚିତ୍ତରଞ୍ଜନ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସେବା କାର୍ଯ୍ୟ ପାଇଁ ପ୍ରାକ୍ତନ ସିଡିଏମ୍‌ଓ ଡା. ବିଜୟ କୁମାର ଶତପଥୀ, ସାହିତ୍ୟ ଓ ସାମ୍ବାଦିକତା ପାଇଁ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ସଙ୍ଗଠନ ପାଇଁ ସ୍ମୃତିଲିପି ସମ୍ପାଦକ ଭୁବନମୋହନ ମହାନ୍ତି, ଶିଶୁ ପ୍ରତିଭା ସୁଶ୍ରୀସାଇ ଦାସ ଓ ଅଭିରାମ ଦାସଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଚିତ୍ତରଞ୍ଜନ ମହାନ୍ତିଙ୍କ ଲିଖିତ ଶିଶୁ ପୁସ୍ତକ 'ଧନ ମୋ ହୋଇବ ଜଗତ ଜିତା' ଲୋକାର୍ପଣ ସହ ସରୋଜିନୀ ସାହିତ୍ୟ ସଂସଦର ଲୋଗୋ ଉନ୍ମୋଚନ କରାଯାଇଥିଲା। ପୁସ୍ତକ ସମ୍ପର୍କରେ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଆଲୋଚନା କରିଥିଲେ। କବି ବୈଦ୍ୟନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାରା ରୋପଣ କଲେ ବିଧାୟକ

**ଚଣ୍ଡିଖୋଲ,୨୯।୮(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଆମ୍ବସୌରୀ-ଖଡ଼କପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା କଡ଼ରେ ଆମ୍ବସୌରୀଠାରେ ରବିବାର ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ରାସ୍ତାଟି ୩ ପଞ୍ଚାୟତ ଦେଇ ଅତିକ୍ରମ କରିଥିବା ହେତୁ ସବୁଜ ବନାନୀ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତି ରାସ୍ତାପାର୍ଶ୍ୱରେ ଚାରା'ରୋପଣ କରାଯାଇ ପରିବେଶ ସୁରକ୍ଷା କରାଯିବ ବୋଲି ବିଧାୟକ ଶତପଥୀ କହିଛନ୍ତି।

## ୟୁଥ୍ ଫର୍ ଆକ୍ସନ ସଂଗଠନର ବୈଠକ

**ଯାଜପୁର ରୋଡ୍,୨୯।୮(ଡି.ଏନ.ଏ.)**

ଯୁବ ସଂଗଠନ ୟୁଥ୍ ଫର ଆକ୍ସନର ପ୍ରଥମ ଜିଲା କାର୍ଯ୍ୟକାରିଣୀ ବୈଠକ ରବିବାର ବ୍ୟାସନଗର ସ୍ଥିତ ରୟାଲ କଳିଙ୍ଗ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରୂପକ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ସତ୍ୟଜିତ ଦାସଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ସଭାରେ ସଂଗଠନର ରାଜ୍ୟ ସମ୍ପାଦକ ଅସୀମ କର ମୁଖ୍ୟଅତିଥି, ଜିଲା ଉପସଭାପତି ସନ୍ତୋଷ ଦାଶ, ଦିଲୀପ ଦେବତା, ସୌଭାଗ୍ୟ ନନ୍ଦ, ସନ୍ତୋଷ କୁମାର ପତି ପ୍ରମୁଖ ଉପସ୍ଥିତ ରହି ସଂଗଠନ ସମ୍ପର୍କରେ ଆଲୋକପାତ କରିଥିଲେ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଦେଖିଥିବା ସ୍ୱପ୍ନକୁ ସାକାର କରିବା ନିମନ୍ତେ ତୃଣମୂଳକୁ ଯାଇ ଏହି ସଂଗଠନକୁ ସୁଦୃଢ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ।

## ଧର୍ମଶାଳାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ

**ଧର୍ମଶାଳା,୨୯।୮(ଡି.ଏନ.ଏ.)**

ଧର୍ମଶାଳା ଫୁଟବଲ ଆସୋସିଏଶନ (ଡିଫା) ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଚୋରମୁହାଁ ମଜାର ପଡିଆଠାରେ ଅନୁଷ୍ଠାନର ସଭାପତି ପ୍ରମୋଦ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ଗୁଲାମ ଗସ୍, ସମ୍ମାନୀତ ଅତିଥି ଭାବେ ଜିଲା ରଗବୀ ଅସୋସିଏଶନର ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ସାହୁ, କ୍ରୀଡାବିତ୍ ପ୍ରମୋଦ କୁମାର ଲାଲା ପ୍ରମୁଖ ଯୋଗଦେଇ ଜାତୀୟ କ୍ରୀଡା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଧର୍ମଶାଳା ଅଞ୍ଚଳରେ କ୍ରୀଡାବିତ୍ ସୃଷ୍ଟି କରିବାରେ ଡିଫା ଅନୁଷ୍ଠାନର ଭୂମିକା ଓ ଅବଦାନକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କୁନି ଓ ଯୁବ ଖେଳାଳୀଙ୍କୁ ଜର୍ସି ସହ ଟ୍ରାକ୍‌ଶୁଟ୍ ବିତରଣ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ପ୍ରବୋଧ କୁମାର ପାତ୍ର ବିବରଣୀ ପ୍ରଦାନ କରିଥିଲେ। ସଭ୍ୟ ସୁଜିତ୍ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅନୁଷ୍ଠାନର ସଭ୍ୟ ଓ ଖେଳାଳୀମାନେ ଏକ ଶୋଭାଯାତ୍ରାରେ ଧର୍ମଶାଳା ହାଟପଡିଆକୁ ଯାଇ ସେଠାରେ ଚାରା ରୋପଣ କରିଥିଲେ।

ଅପରାହ୍ନରେ ଅନୁଷ୍ଠାନର ସିନିୟର ଓ ଜୁନିୟର ଖେଳାଳୀଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନିୟର ଟିମ୍ ୨-୧ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଜାତୀୟ କ୍ରୀଡା ଦିବସ ଅବସରରେ ଧର୍ମଶାଳା ସ୍ପୋର୍ଟସ ଏକାଡେମୀ ପକ୍ଷରୁ ଚାରା ରୋପଣ କରାଯିବା ସହିତ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚର ଆୟୋଜନ କରାଯାଇଥିଲା। ଏଥିରେ ଜୁନିୟର ଟିମ୍ ୧-୦ ଗୋଲରେ ବିଜୟୀ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍ପୋର୍ଟସ୍ ଏକାଡେମୀର ସଭାପତି ଆଲୋକ କର ଓ ସାଧାରଣ ସମ୍ପାଦକ ଅୟେସକାନ୍ତ ସ୍ୱାଇଁ, ସରୋଜ ନାୟକ, ସପନ ରାୟ ପ୍ରମୁଖ ପରିଚାଳନା କରିଥିଲେ।

# ସେଦିନର ବିଭୀଷିକାକୁ ଭୁଲିନାହାନ୍ତି ବରୀବାସୀ

**ମହାବନ୍ୟାକୁ ବର୍ଷେ ପୂରିଲା**

- ଘରଭଙ୍ଗା ସହାୟତା ମିଳିଲା ନାହିଁ
- ଫସଲ ବୀମା ପାଉନାହାନ୍ତି କୃଷକ

**ବରୀ,୨୯।୮(ଡି.ଏନ.ଏ.)**

୨୦୨୦ ଅଗଷ୍ଟ ମହାବନ୍ୟାର କରାଳ ରୂପକୁ ବର୍ଷେ ପରେ ବି ବରୀବାସୀ ଭୁଲି ପାରିନାହାନ୍ତି। ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରେ ୧୦ରୁ ଊର୍ଦ୍ଧ୍ୱ ଘାଇ ସୃଷ୍ଟି ହୋଇଥିଲା। ସମ୍ପୂର୍ଣ୍ଣ ବରୀ ଅଞ୍ଚଳ ୨ ସପ୍ତାହ ଧରି ବନ୍ୟାଜଳ ଘେରରେ ରହିଥିଲା। ସ୍ଥାନୀୟ ଲୋକମାନଙ୍କଠାରୁ ଆରମ୍ଭ କରି ଗୃହପାଳିତ ପଶୁମାନେ ବି ନାହିଁ ନ ଥିବା କଷ୍ଟ ଭୋଗି ଥିଲେ। ଏ ସଂକ୍ରାନ୍ତରେ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା। ବ୍ଲକ ପ୍ରଶାସନ ତରଫରୁ ଏଥିପାଇଁ ତତ୍ପରତା ପ୍ରକାଶ ପାଇଥିଲା। କିନ୍ତୁ ବରୀ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଯାଇଥିବାରୁ ବହୁ ରାଜସ୍ୱ ଗ୍ରାମକୁ ରିଲିଫ୍ ସାମଗ୍ରୀ ପହଞ୍ଚି ପାରି ନ ଥିଲା। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।



ବନ୍ୟାରେ ବରୀ ଅଞ୍ଚଳ ଜଳାର୍ଣ୍ଣବ। (ଫାଇଲ ଫଟୋ)

ଅତ୍ୟାବଶକୀୟ ଖାଦ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ବରୀବାସୀଙ୍କ ପାଇଁ ବନ୍ୟା ସମୟରେ ଦାଉ ସାଜିଥିଲା। ଏହାକୁ ନେଇ ଉଦୟନାଥପୁର, ରତ୍ନଗିରି, ଅରଙ୍ଗାବାଦ, ଅନ୍ୟାସୀପୁର, ବାଲିବିଲ୍, ରମ୍ଭା ଆଦି ପଞ୍ଚାୟତର ଲୋକମାନେ ବରୀ ତହସିଲ୍ କାର୍ଯ୍ୟାଳୟ ଘେରାଉ କରିବାକୁ ବାଧ୍ୟ ହୋଇଥିଲେ। ହେଲେ ଆନ୍ଦୋଳନକାରୀଙ୍କ ଦୁଃଖ ବୁଝିବା ବଦଳରେ ପୋଲିସ ସେମାନଙ୍କୁ ପିଟିବା ଘଟଣା ଜିଲା ପ୍ରଶାସନକୁ ଅଡୁଆରେ ପକାଇଥିଲା। ତତ୍କାଳୀନ ଜିଲାପାଳ ରଞ୍ଜନ କୁମାର ଦାସ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୧୭ଜଣ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ। ହେଲେ ସେହି ଅଧିକାରୀମାନଙ୍କ ବରୀ ଭୌଗଳିକ ସ୍ଥିତି ଉପରେ ଅଭିଜ୍ଞତା ନ ଥିବାରୁ ରିଲିଫ୍ କାମ ଠିକ୍ ଭାବେ ପରିଚାଳିତ ହୋଇ ପାରି ନ ଥିଲା। ୨ ସପ୍ତାହ ଧରି ବନ୍ୟାଜଳ ଜମି ରହିବାରୁ ପନିପରିବା ଓ ଧାନ ଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ଚାଷୀମାନେ ଅଦ୍ୟାବଧି ବୀମାରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ଚାଷୀମାନେ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ,କୃଷିମନ୍ତ୍ରୀ, ଜିଲାପାଳଙ୍କୁ ଲିଖିତ ଭାବେ ଜଣାଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ବିଶେଷ କରି ଏବେ ବି ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ବହୁ ଗରିବ ପରିବାର ବାସହରା ଅବସ୍ଥାରେ ଅଛନ୍ତି। ସେମାନଙ୍କ ନାମରେ ଘରଭଙ୍ଗା ସହାୟତା ଆସିଥିଲେ ବି ତହସିଲର କେତେଜଣ କର୍ମଚାରୀଙ୍କ ଅସହଯୋଗ ଯୋଗୁ ବନ୍ୟା ବିପନ୍ନମାନେ ସେହି ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି।

ଏ ସଂକ୍ରାନ୍ତରେ ବରୀ ବିଧାୟକ ସୁନନ୍ଦା ଦାସ କୁହନ୍ତି, ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରି କରିବା ପାଇଁ ମୁଁ ଉଦ୍ୟମ ଜାରି ରଖିଛି। କିନ୍ତୁ ଯଦି କୌଣସି ବିଭାଗର ଏହି କାର୍ଯ୍ୟକ୍ରମର ତ୍ରୁଟି ଥାଏ ତାର ସମୀକ୍ଷା କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ। ଜିଲା ନବନିର୍ମାଣ କୃଷକ ସଙ୍ଗଠନର ସଂଯୋଜକ ନିମାଇଁ ଚରଣ ରାୟ କହିଛନ୍ତି, ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା କୃଷକମାନଙ୍କୁ ଶତପ୍ରତିଶତ ବୀମାରାଶି ନ ମିଳିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ରତ୍ନଗିରି ରାଉତସାହିର କୈବଲ୍ୟ ଦଳାଇ କହିଛନ୍ତି, ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇ ଏବେ ବି ମୁଁ ବାସହରା। ସରକାରୀ ସହାୟତା ମିଳିନାହିଁ।

**ଜଗତ୍‌ସିଂହପୁରରେ ପୁଣି ୯ ଆକ୍ରାନ୍ତଙ୍କ ମୃତ୍ୟୁ**

ଜଗତ୍‌ସିଂହପୁର ଅଫିସ: ଜଗତ୍‌ସିଂହପୁର ଜିଲାରେ କୋଭିଡ୍-୧୯ର ଭୟାବହତା କମୁନି । ରବିବାର ମିଳିଥିବା ସୂଚନା ମୁତାବକ ଜିଲାରେ ଗୋଟିଏ ଦିନରେ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୯ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ତିର୍ତ୍ତୋଲ ବ୍ଲକରୁ ୩, କୁଜଙ୍ଗରୁ ୨ ଜଣ ଥିବାବେଳେ ଜଗତ୍‌ସିଂହପୁର, ବିରିଡ଼ି, ଜଗତ୍‌ସିଂହପୁର ପୌରାଞ୍ଚଳ, ଏରସମା ବ୍ଲକ ଅଞ୍ଚଳରୁ ଜଣେ ଲେଖାଏ ଆକାନ୍ତଙ୍କ ମୃତ୍ୟୁ ଘଟିଛି। ସେହିପରି ସଂକ୍ରମିତଙ୍କ ମଧ୍ୟରେ ୧୮ରୁ କମ୍ ବୟସର ୮ ଜଣ ରହିଛନ୍ତି। ଏନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ୧୮ରୁ କମ ବୟସର ୮ ଜଣ ସଂକ୍ରମିତ ହୋଇଛନ୍ତି । ଗତ ୨୦ରୁ ୨୮ତାରିଖ ମଧ୍ୟରେ ଜିଲାରେ ୧୦୯ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି।

## ସଂକ୍ଷେପରେ

### ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

କଟକ ଅଫିସ,୨୯।୮: କଟକ ଓଏମ୍‌ପି ଫ୍ଲାଏ ଓଭର ରେଳଧାରଣା ନିକଟରେ ରବିବାର ଟ୍ରେନ୍ ଆଗକୁ ଡେଇଁ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଧୀନ ନହରଣା ଗ୍ରାମର ନୀଳମଣି ସାହୁ (୪୫)। ଅପରାହ୍ନରେ ଏକ ମାଲବାହୀ ଟ୍ରେନ୍ ଆସୁଥିବାବେଳେ ନୀଳମଣି ତାହା ସମ୍ମୁଖକୁ ଡେଇଁ ପଡିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଟ୍ରେନ୍ ଡ୍ରାଇଭର ଜିଆରପି ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୪୯/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ତାଙ୍କ ମୃତଦେହ ହସ୍ତାନ୍ତର କରାଯିବ। ଟ୍ରେନ୍ ଡ୍ରାଇଭର ଏତଲା ଦେବାପରେ ପ୍ରକୃତ ଘଟଣା ଜଣାପଡିଥିବା ଜିଆରପି ଥାନାଧିକାରୀ ଉମାକାନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ଆତ୍ମହତ୍ୟା କାରଣ ଅସ୍ପଷ୍ଟ ଥିବାବେଳେ ସେ ହାଇଦ୍ରାବାଦରେ ଚାକିରି କରିଥିବା ଜଣାପଡିଛି।

### ଜାତୀୟ କ୍ରୀଡ଼ା ଦିବସ ପାଳିତ

ପାରାଦୀପ,୨୯।୮(ସ୍ୱ.ପ୍ର.): ପାରାଦୀପ ଫସ୍‌ଫେଟସ ଲିମିଟେଡ (ପିପିଏଲ) ଡିଏଭି ସ୍କୁଲ ପରିସରରେ ରବିବାର ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଭର୍ଚୁଆଲ ଯୋଗେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପିପିଏଲ ମୁଖ୍ୟ ରଣଜିତ ସିଂ ଚୁଗ୍, ମାନବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ଓ ସ୍କୁଲ ଅଧକ୍ଷ ସଞ୍ଜୀବ ସାହୁ ପ୍ରମୁଖ ଯୋଗଦେଇ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ,ହକି ତାରକା ମେଜର ଧାନଚାନ୍ଦଙ୍କ ଜନ୍ମଦିବସକୁ କ୍ରୀଡାଦିବସ ଭାବେ ପାଳନ କରାଯାଉଛି। କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ଶାଶ୍ୱତ ଭାରତୀଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

### ଅକ୍ଟୋବରରେ ଆସିବ ନାକ୍ ଟିମ୍

**ପଞ୍ଚାମୁଣ୍ଡାଇ କଲେଜ ଆଲୁମ୍ନି ବୈଠକ**

ପଞ୍ଚାମୁଣ୍ଡାଇ,୨୯।୮(ସ୍ୱ.ପ୍ର.): ପଞ୍ଚାମୁଣ୍ଡାଇ କଲେଜକୁ ଅକ୍ଟୋବର ୨ୟ ସପ୍ତାହରେ ନାକ୍ ଟିମ ପରିଦର୍ଶନରେ ଆସୁଥିବା ଜଣାଯାଇଛି। ଏଥିପାଇଁ ମହାବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଲେଜ ଆଲୁମ୍ନି ଆସୋସିଏଶନର କାର୍ଯ୍ୟକାରୀ କମିଟି ବୈଠକ ସଭାପତି ପ୍ରଫେସର ଭରତ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଉପସଭାପତି ରାଜେନ୍ଦ୍ର ଦାଶ, କୋଷାଧକ୍ଷ କିଶୋର କୁମାର ସ୍ୱାଇଁ, ଉପଦେଷ୍ଟା ପ୍ରଫେସର ଦେବବ୍ରତ ପ୍ରଧାନ, ଗୋଲକ ମହାରଣା, ଶିକ୍ଷାବିତ୍ କସ୍ତୁରୀ ଚରଣ ସ୍ୱାଇଁ, ରବୀନ୍ଦ୍ର ନାଥ ରାଉଳ, ସୁମନ୍ତ ପାତ୍ର, ମାଧବାନନ୍ଦ ମହାନ୍ତି, ଚିତ୍ତରଞ୍ଜନ ମଲ୍ଲିକ, ପ୍ରମୋଦ ସାହୁ, ସୁମନ୍ତ ରାଉତ, ବିରଞ୍ଚି ନାରାୟଣ ଦାଶ, ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ଆଲୁମ୍ନି କମିଟିର କର୍ମକର୍ତ୍ତା, ସଭ୍ୟ ଯୋଗଦେଇ କଲେଜର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଇ ଅବସରରେ ୧୯୯୩ ବ୍ୟାଚର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅନ୍ତର୍ଯ୍ୟାମୀ ବେଜ ଓ ସତ୍ୟଜିତ ନାୟକ ୩୦ ହଜାର ଟଙ୍କାର ଏକ ଚେକ୍ କଲେଜକୁ ପ୍ରଦାନ କରିଥିଲେ। ସମ୍ପାଦକ ଗୋପୀନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ହିତାଧିକାରୀଙ୍କ ସଂଖ୍ୟାରେ ହେରଫେର

କେନ୍ଦ୍ରାପଡ଼ା ଅଫିସ, ୨୯।୮

- ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ
- ଫର୍ମ ଜେ’, ସୂଚନା ଫଳକରେ ତାଳମେଳ ନାହିଁ
- ସରକାରୀ ନା ବେସରକାରୀ ପ୍ରକଳ୍ପ ଉଠିଲା ପ୍ରଶ୍ନ

ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ ଏବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆଡ଼କୁ ମୁହାଁଉଛି। ଭିତରକନିକା ଇକୋ ସେନ୍ସିଟିଭ ଜୋନ୍ ମିଟିଂ ପ୍ରୋସିଡିଂ, ଆଇଆଇଟି ହାଇଦ୍ରାବାଦର ପରିବେଶ ଓ ସାମାଜିକ ପ୍ରଭାବ ରିପୋର୍ଟ, ଖରସ୍ରୋତା ନଦୀକୁ ଜଣେ ଲୋକଙ୍କୁ ବିକିବା ଆଦି ବିବାଦ ଏବେ ଆସିଛି। ପ୍ରକଳ୍ପ ସ୍ଥାନରେ ଥିବା ସୂଚନା ଫଳକ ଓ ଫର୍ମ ଜେ’ ମଧ୍ୟରେ ତାଳମେଳ ରହୁନାହିଁ। ପାଣି ନେବାକୁ ଥିବା ହିତାଧିକାରୀ ସଂଖ୍ୟାରେ ହେରଫେର କରାଯାଇଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ସଂଗ୍ରାମ ସମିତି ସମ୍ପାଦକ ବିଧାନ ଦାସ କୁହନ୍ତି, ଖରସ୍ରୋତାକୁ ମୃତ ନଦୀ କରିବାକୁ ସରକାରୀ ଯୋଜନା ନିଶ୍ଚିତ ଭାବେ ପଣ୍ଡ ହେବ। କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହାର ପାଣି ଉଠା ପ୍ରକଳ୍ପ ସ୍ଥାନରେ ଗତ ୧୨ ତାରିଖରେ ସୂଚନା ଫଳକ ଲାଗିଛି। ଭଦ୍ରକ ଜିଲାର ବାସୁଦେବପୁର, ଧାମନଗର, ତିହିଡି ଓ ଚାନ୍ଦବାଲି ବ୍ଲକର ୯୧ପଞ୍ଚାୟତର ଲୋକଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ପ୍ରକଳ୍ପ ନିର୍ମାଣ ହେଉଥିବା ଦର୍ଶାଯାଇଛି। ଭଦ୍ରକ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ଏଠାରେ ଦର୍ଶାଯାଇଥିବା ହିତାଧିକାରୀଙ୍କ ସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ ୬,୧୬,୮୨୮ରହିଛି। ଏଥିରେ ସହରାଞ୍ଚଳକୁ ପାନୀୟ ଜଳ ଯୋଗାଣ ନିମନ୍ତେ ସୂଚନା ନାହିଁ। ତେବେ ଏହି ବିଭାଗ ପକ୍ଷର ୪ ବ୍ଲକ ସହ ଭଦ୍ରକ, ବାସୁଦେବପୁର ମ୍ୟୁନିସିପାଲିଟି, ଧାମନଗର, ଚାନ୍ଦବାଲି ଏନ୍ଏସିକୁ ଏହି ନଦୀ ଜଳକୁ ଯୋଗାଣ ପାଇଁ ବାଲେଶ୍ୱର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଅନୁମତି ପାଇଁ ୨୦୧୮ଜୁନ୍ ୨୧ରେ ଚିଠି (ନଂ. ୩୧୭୯) ଉଲ୍ଲେଖ କରାଯାଇଛି। ଚିଠିରେ ୪ ବ୍ଲକ ଓ ୪ ସହରାଞ୍ଚଳର ଜନସଂଖ୍ୟା ୨୦୧୧ ଜନଗଣନା ଆଧାରରେ ୬,୩୬,୩୫୬ ଜଣ ବୋଲି ଉଲ୍ଲେଖ କରାଯାଇଛି। ଏହି ଦୃଷ୍ଟିରୁ ୪ ସହରାଞ୍ଚଳରେ ମାତ୍ର ୨୦ ହଜାର ଲୋକ ବସବାସ କରୁଥିବା ଜଣାପଡିଛି। ଲୋକସଂଖ୍ୟାରେ ହେରଫେର କରି ଦୈନିକ ୨୦ ମିଲିୟନ ଲିଟର ବଦଳରେ ୧୫୨ ମିଲିୟନ ଲିଟର ଖରସ୍ରୋତାରୁ ଜଳ ଉଠାଇବାକୁ ଯୋଜନା ରହିଥିବା ସ୍ପଷ୍ଟ ହୋଇଛି। ଏତେ ପରିମାଣରେ ଜଳ ଉଠାଣ ହେଲେ






Annexure-A

1. Calculation of quantity of water required for proposed Mega PWS Project. Drinking water for Mega Piped Water Supply Project to saline affected GP's of Chandbali, Basudevpur, Tihidi & Dhamnagar Block and water supply to Urban local bodies such as Bhadrak Municipality, Basudevpur Municipality, Chandbali NAC and Dhamnagar NAC in Bhadrak District.

RURAL DEMAND :- (91 saline affected GPs of Chandbali, Basudevpur, Tihidi & Dhamnagar Block)

$P_n = P_0 (1+R/100)^n$ (R =12.75)
2011 census Population = 571209
2020 Projected Population = 571209 x $1.1275^{0.9}$ = 636356
2050 Projected Population = 636356 x $1.1275^{3.0}$ = 912115

Ultimate Demand – 2050

Taking 100 LPCD- 912115 x 100 = 91211500 Ltr/ Day

= 3.17 $M^3$ /Sec          = 3.17 $M^3$ /Sec

URBAN DEMAND- (Bhadrak Municipality, Basudevpur Municipality, Chandbali NAC & Dhamnagar NAC)

Ultimate Demand 2050 (Bhadrak, Basudevpur, Chandbali and Dhamnagar ULB)
As per letter No. 3179 dt. 21.06.2018 of EE, PH. Division, Balasore

50.79 MLD = 50790000ltr/Day = 1.76$m^3$/Sec          = 1.76$m^3$/Sec

Total:- 4.93$m^3$/Sec

ପାଣି ପାଇଁ ବରୁଣାଡିହା ପ୍ରକଳ୍ପ ସ୍ଥାନରେ ଲାଗିଥିବା ସୂଚନା ଫଳକ। ବାଲେଶ୍ୱର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଅନୁମତି ପାଇଁ କରାଯାଇଥିବା ଚିଠିରେ ତାଳମେଳ ରହୁନାହିଁ।

ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ସାଙ୍ଗକୁ ଚାଷ ଜମିରେ ଲୁଣାପାଣି ମାଡିଯିବ, ଭିତରକନିକା ପରିବେଶ ନଷ୍ଟ ହେବ ବୋଲି ସେ ଅଭିଯୋଗ କରିଛନ୍ତି।

ସେହିପରି ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ହେଉଥିବା ସାମାଜିକ କର୍ମୀ ସଞ୍ଜୟ ବେହୁରା, ଡ. ପ୍ରଦୀପ କୁମାର ତରାଇ, ଆଳୟ କୁମାର ସାମନ୍ତରାୟ, ପ୍ରତାପ ଚନ୍ଦ୍ର ମହାନ୍ତି, ଅଧ୍ୟାପକ କ୍ଷିତୀଶ କୁମାର ସିଂହ କହିଛନ୍ତି, ଇକୋ ସେନ୍ସିଟିଭ ଜୋନ୍ ମଧ୍ୟରେ ଥିବା ଏହି ପ୍ରକଳ୍ପକୁ ନେଇ ବହୁବିଧ ଆଇନଗତ ଦିଗର ତର୍ଜମା ଚାଲିଛି। ବରୁଣାଡିହା ମୌଜାରେ ଥିବା ଖରସ୍ରୋତା ନଦୀ ବିକ୍ରିକୁ ସରକାରୀ ଭାବେ ସ୍ୱୀକୃତି ମିଳିବା, କ୍ରୟ କରିଥିବା ବ୍ୟକ୍ତି ଆନ୍ଧ୍ରପ୍ରଦେଶର ସେକ୍ ହୋସେନ ବାଶାହାଙ୍କ ସମ୍ପତ୍ତି ଉପରେ ସରକାରୀ ଭାବେ ପ୍ରକଳ୍ପ ନିର୍ମାଣ କରିବା, ପ୍ରକଳ୍ପ ପରେ ଭିତରକନିକା ପରିବେଶ ଉପରେ ପ୍ରଭାବ ସମ୍ପର୍କରେ ଆଇଆଇଟି ହାଇଦ୍ରାବାଦର ରିପୋର୍ଟରେ ତଥ୍ୟ ନ ଥିବା, ଅତ୍ୟଧିକ ଜଳ ଉଠାଣ ସ୍ଥାନୀୟ ଅଞ୍ଚଳ ଉପରେ ପ୍ରଭାବ ପକାଇବା, ପ୍ରକଳ୍ପ ସରକାରୀ ଅଥବା ବେସରକାରୀ ଆଦି ପ୍ରଶ୍ନକୁ ନେଇ ଏନ୍‌ଜିଟି(ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ) ସହ ବିଭିନ୍ନ ନ୍ୟାୟାଳୟରେ ଆସନ୍ତା ବୁଧବାର ସୁଦ୍ଧା ମାମଲା ରୁଜୁ ହେବ। ଅପରପକ୍ଷରେ ଜିଲାପାଳ ଅମୃତ ରତୁରାଜ ପ୍ରକଳ୍ପ କାର୍ଯ୍ୟ ଚାଲିଛି ଓ ଆଇନଗତ ତର୍ଜମା ହୋଇଥିବା ମତ ଦେଇଛନ୍ତି।

## ନୀଳମଣି ସ୍ପୋର୍ଟ୍ସ ଏକାଡେମୀରେ ଜାତୀୟ କ୍ରୀଡ଼ା ଦିବସ

ଡେରାବିଶ,୨୯।୮(ସ୍ୱ.ପ୍ର.)

ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତର ନୀଳମଣୀ ସ୍ପୋର୍ଟ୍ସ ଏକାଡେମୀ ପରିସରରେ ରବିବାର ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଏକାଡେମୀର ପ୍ରତିଷ୍ଠାତା ଓ ପ୍ରଶିକ୍ଷକ ନାରାୟଣ ଚନ୍ଦ୍ର ବାରିକ ସଭାପତିତ୍ୱ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ କ୍ରିଡାବିତ୍ ଜାକିର ହୁସେନ, ସମ୍ମାନିତ ଅତିଥି ଭାବେ ସଞ୍ଜୟ କୁମାର ଖୁଣ୍ଟିଆ, ବାନାମ୍ବର ଜେନା ଓ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଲକ୍ଷ୍ମୀକାନ୍ତ ଜେନା ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଗ୍ରାମାଞ୍ଚଳର କ୍ରୀଡ଼ାର ବିକାଶ ପାଇଁ ଜାକିର ହୁସେନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧ୍ୟାନଚାନ୍ଦଙ୍କ ନାମରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା ଖେଳରତ୍ନ ପୁରସ୍କାରକୁ ପ୍ରଶଂସା କରାଯାଇଥିଲା। ଏହି ଏକାଡେମୀ ୧୦ ଜଣ ଖେଳାଳୀ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରି ଖେଳି ଥିବାରୁ ସେମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଏକାଡେମୀର ୫୦ରୁ ଊର୍ଦ୍ଧ୍ୱ ଖେଳାଳୀ ଉପସ୍ଥିତ ରହିଥିଲେ।

## ଉଦ୍‌ଘାଟନ ପରଠୁ ଅସ୍ତ୍ରୋପଚାର ହୋଇନି

- ପ୍ରାଣୀ ଜନ୍ମ ନିୟନ୍ତ୍ରଣ କେନ୍ଦ୍ରକୁ ୨ ବର୍ଷ ବିତିଲା
- ଅସ୍ତବ୍ୟସ୍ତ କଲେଣି ବୁଲା କୁକୁର

ପାରାଦୀପ ୨୯।୮(ସ୍ୱ.ପ୍ର.)

ପାରାଦୀପ ପୌରପରିଷଦ ପକ୍ଷରୁ ନିର୍ମିତ ଏବିସି (ଆନିମଲ ବାର୍ଥ କଣ୍ଟ୍ରୋଲ) କର୍ନେଲ ସେଣ୍ଟର ବା ପ୍ରାଣୀ ଜନ୍ମ ନିୟନ୍ତ୍ରଣ କେନ୍ଦ୍ର ଖୋଲାଯିବାକୁ ୨ ବର୍ଷ ପୂରଣ ହେବାକୁ ଯାଉଛି। ମାତ୍ର ଉଦ୍‌ଘାଟନ ପରଠୁ ଏପର୍ଯ୍ୟନ୍ତ ସେଠାରେ କୌଣସି ପ୍ରାଣୀଙ୍କ ଜନ୍ମ ନିୟନ୍ତ୍ରଣ ହୋଇନି। ଅପରପକ୍ଷେ ପାରାଦୀପ ପୌରାଞ୍ଚଳରେ ଏବେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

୨୦୧୮ ପୂର୍ବରୁ ପୌରପରିଷଦ କର୍ତ୍ତୃପକ୍ଷ ପ୍ରତିବର୍ଷ ଘରୋଇ ସଂସ୍ଥା ଜରିଆରେ ବୁଲା କୁକୁରଙ୍କୁ ନେଇ ଜନ୍ମ ନିୟନ୍ତ୍ରଣ କରୁଥିଲେ। ପ୍ରତିବର୍ଷ ସେ ବାବଦରେ ଖର୍ଚ୍ଚ ଅଧିକ ହେବାରୁ ନିଜର ଏବିସି ସେଣ୍ଟର କରିବାକୁ ନିଷ୍ପତ୍ତି ହୋଇଥିଲା। ଏହିକ୍ରମରେ ୧୩ ନଂ. ୱାର୍ଡର ମୋ ଖତ ପ୍ରକଳ୍ପ ପାଖରେ ୩୦ ଅଗଷ୍ଟ ୨୦୧୮ରେ




ପ୍ରାଣୀ ଜନ୍ମ ନିୟନ୍ତ୍ରଣ କେନ୍ଦ୍ର।

ପ୍ରାଣୀ ଜନ୍ମ ନିୟନ୍ତ୍ରଣ କେନ୍ଦ୍ର ଉଦଘାଟନ କରାଯାଇଥିଲା। ଉକ୍ତ କେନ୍ଦ୍ରରେ ୧୮ ପ୍ରକୋଷ୍ଠ ରହିଛି। ବିଶେଷକରି ବୁଲା କୁକୁର ସଂଖ୍ୟା ହ୍ରାସ କରିବା ଲାଗି ଏହା କରାଯାଇଥିଲା। ପରିତାପର ବିଷୟ ହେଲା ନୂତନ ଜନ୍ମ ନିୟନ୍ତ୍ରଣ କେନ୍ଦ୍ର ଜରିଆରେ କୁକୁରଙ୍କୁ ଅସ୍ତ୍ରୋପଚାର କରାଯାଉନାହିଁ କି ଘରୋଇ ସଂସ୍ଥା ଜରିଆରେ ହେଉଥିବା କାମ ହେଉନାହିଁ। ଯଦ୍ୱାରା କୁକୁର ସଂଖ୍ୟା ବୃଦ୍ଧି ପାଇଛି। ଏବେ କୁକୁରଙ୍କର ପ୍ରଜନନ ସମୟ ଥିବାରୁ ସେମାନେ ପଲ ହୋଇ ବୁଲୁଛନ୍ତି। କେତେକ ଜାଗାରେ ପଥଚାରୀଙ୍କୁ ଆକ୍ରମଣ କରୁଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସୌରିନ୍ଦ୍ର କୁମାର ରାଉତରାୟ କୁହନ୍ତି, କୁକୁର ଅସ୍ତ୍ରୋପଚାର ପାଇଁ ବୈଷୟିକ ଯନ୍ତ୍ରପାତି ଓ ସହାୟକ କର୍ମଚାରୀ ଦେବା ପାଇଁ ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀଙ୍କୁ ଚିଠି କରାଯାଇଛି। ତାଙ୍କ ନିର୍ଦ୍ଦେଶ ମିଳିବା ପରେ ଆଗାମୀ ପଦକ୍ଷେପ ନିଆଯିବ।

## ଦୋକାନରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ବାଲିକୁଦା, ୨୯।୮(ସ୍ୱ.ପ୍ର.)

ବାଲିକୁଦା ଥାନା କୃଷ୍ଣଦାସପୁର ପଞ୍ଚାୟତ ଅନ୍ତର୍ଗତ ରାୟରପୁର ଗାଁର ଅଜୟ କୁମାର ମହାନ୍ତିଙ୍କ ପାନ ଓ ତେଜରାତି ଦୋକାନରେ ଶନିବାର କୌଣସି ଦୁର୍ବୃତ୍ତ ନିଆଁ ଲଗେଇ ଦେଇଥିବା ଅଭିଯୋଗ ହୋଇଛି। ନିଆଁରେ ଦୋକାନଟି ସମ୍ପୂର୍ଣ୍ଣ ଜଳିଯାଇ ଥିବାବେଳେ ସମସ୍ତ ସାମଗ୍ରୀ ପୋଡ଼ିଯାଇଛି। ବିଳମ୍ବିତ ରାତିରେ ମହାନ୍ତି ପରିସ୍ରା କରିବାକୁ ବାହାରକୁ ଯାଇଥିବାବେଳେ ଦୋକାନରେ ନିଆଁ ଲାଗିଥିବା ଦେଖିଥିଲେ। ପାଟିଶୁଣି ପଡୋଶୀ ଲୋକେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ।

## ସୁଧ କାରବାରକୁ ନେଇ ହଣାକଟା: ୨ ଗୁରୁତର

ତିର୍ତ୍ତୋଲ,୨୯।୮(ଡି.ଏନ.ଏ.)

ତିର୍ତ୍ତୋଲ ଥାନା ଜଗନ୍ନାଥପୁର ପଞ୍ଚାୟତ କୋକିପଦା ଗ୍ରାମରେ ସୁଧ କାରବାରକୁ ନେଇ ରବିବାର ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହେବା ସହ ମାରଣାସ୍ତ୍ରରେ ହଣାକଟା ହୋଇଛି। ଏଥିରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଏହି ଗ୍ରାମର ପ୍ରତିମା ମହାନ୍ତି ଓ ତାଙ୍କ ଭାଇ ଧୀରେନ୍ଦ୍ର ମହାନ୍ତି। ସେମାନଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ କଟକ ବଡ଼ଡାକ୍ତରଖାନା ପଠାଇଦିଆଯାଇଛି। ପାର୍ବତୀ ମହାନ୍ତିଙ୍କଠାରୁ ସୁଧ ଆକାରରେ ପ୍ରତିମା ୩ ହଜାର ଟଙ୍କା ଆଣିଥିଲେ। ମାତ୍ର ଟଙ୍କା ନ ଦେବାରୁ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିଲା। ରବିବାର ପାର୍ବତୀ ଓ ତାଙ୍କ ପୁଅ ସଞ୍ଜୟ ମାରଣାସ୍ତ୍ରରେ ପ୍ରତିମା ଓ ଧୀରେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଉଭୟଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ମାମଲା (ନଂ.୩୬୯/୨୧ ଓ ୩୭୦/୨୧) ରୁଜୁ ହୋଇଛି।

## କଳା, କ୍ରୀଡ଼ା ଶିକ୍ଷକ ମହାସଂଘ ପକ୍ଷରୁ ଦାବିପତ୍ର

ପଞ୍ଚାମୁଣ୍ଡାଇ, ୨୯।୮(ସ୍ୱ.ପ୍ର.)

ଓଡ଼ିଶା ବିଦ୍ୟାଳୟ ଓ ଗଣଶିକ୍ଷା ଅଧୀନରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ପାର୍ଟ ଟାଇମ ଭାବେ ୨୦୧୩ଠାରୁ ନିଯୁକ୍ତି ପ୍ରଦାନ କରାଯାଇଛି। ଇତିମଧ୍ୟରେ ୯ ବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି କିମ୍ବା ସରକାରୀ ସ୍ତରରେ ସୁବିଧା ସୁଯୋଗ ଦିଆଯାଉନାହିଁ। ଗତ ୩ ବର୍ଷ ତଳୁ କେନ୍ଦ୍ର ସରକାର ପାର୍ଟ ଟାଇମ ଶବ୍ଦର ଉଚ୍ଛେଦକରି ପ୍ରାଥମିକ ଚୁକ୍ତି ଭିତ୍ତିକ ଶିକ୍ଷକ ନିଯୁକ୍ତି କରିବାର ଆଇନ ପ୍ରଣୟନ କରିବା ସତ୍ତ୍ୱେ ରାଜ୍ୟ ସରକାର ଏହାର ପରିବର୍ତ୍ତନ କରୁନାହାନ୍ତି। ୨୦୧୩ଠାରୁ କେନ୍ଦ୍ର ସରକାର ୧୨ ମାସ ବେତନ ଲାଗୁ କରିଥିଲେ ମଧ୍ୟ ରାଜ୍ୟ ସରକାର ୯ ବର୍ଷ ଧରି ପିରିୟଡ ହିସାବରେ ବର୍ଷକୁ ୧୦ ମାସ ବେତନ ପ୍ରଦାନ କରୁଛନ୍ତି। କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କୁ ରାଜ୍ୟ ସରକାର ସ୍ଥାୟୀ ନିଯୁକ୍ତି କରିବା ଓ ୧୨ ମାସର ବେତନ ପ୍ରଦାନ ସହ ପାର୍ଟ ଟାଇମ ଶବ୍ଦର ଉଚ୍ଛେଦ ଦାବିରେ ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପଞ୍ଚାମୁଣ୍ଡାଇ ବ୍ଲକ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପଞ୍ଚାମୁଣ୍ଡାଇ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ବ୍ଲକ ସଂଘ ସଭାପତି ବିଜୟ କୁମାର ଜେନାଙ୍କ ନେତୃତ୍ୱରେ ସମ୍ପାଦକ ସଞ୍ଜୟ କୁମାର ତ୍ରିପାଠୀ, ରାଜ୍ୟ ଶାଖା ପ୍ରତିନିଧି ରଶ୍ମିରଞ୍ଜନ ମିଶ୍ର, କୃପାସିନ୍ଧୁ ନାୟକ, ଅନିରୁଦ୍ଧ ଦାସ, ଅମ୍ବିକା ସାହୁ, ରମେଶ ଚନ୍ଦ୍ର ସ୍ୱାଇଁ, ସଲିମ ବେଗ୍, ରାଜଲକ୍ଷ୍ମୀ ମଲିକ, ଗୋବିନ୍ଦ ଚନ୍ଦ୍ର ସେନାପତି, ଅମୃତ ରଞ୍ଜନ ଦାସ, ଭାଗୀରଥି ସାମଲ, ସ୍ୱର୍ଣ୍ଣମୟୀ ସାମଲ, ଉର୍ମିଳା ପାତ୍ର, ଲଳିତା ରାଉତ ପ୍ରଭୃତି କଳା ଓ କ୍ରୀଡ଼ା ଶିକ୍ଷକ ବିଇଓ ଅନୀଲ କୁମାର ବଳ ଓ ଏବିଇଓ ଚନ୍ଦ୍ରଶେଖର ତ୍ରିପାଠୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

## କଲେଜ ଅଧ୍ୟକ୍ଷଙ୍କୁ ଦାଦାବଟି ମାଗି ଜଣେ ଗିରଫ

ବାଲିଆ,୨୯।୮

**ଆରଆଇ ପରୀକ୍ଷା ବେଳେ ଦାଦାଗିରି**

ବିରିଡି ଥାନା ଅନ୍ତର୍ଗତ ଅଳକା ମହାବିଦ୍ୟାଳୟରେ ରବିବାର ଆରଆଇ ପଦବୀ ପାଇଁ ପରୀକ୍ଷା ଚାଲୁଥିବା ବେଳେ ଅଧ୍ୟକ୍ଷଙ୍କୁ ଦାଦାବଟି ମଗାଯାଇଛି। ଏନେଇ ଥାନାରେ ଲିଖିତ ଅଭିଯୋଗ ହେବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଦଣ୍ଡିଲୋ ଗ୍ରାମର ନିରଞ୍ଜନ ସାହୁ ଓରଫ ନିନିଆ(୪୫)।

ଅଳକା କଲେଜରେ ଆରଆଇ ନିଯୁକ୍ତି ପାଇଁ ପରୀକ୍ଷା ଚାଲିଥିବାବେଳେ ପୂର୍ବାହ୍ନ ୧୧ଟା ସମୟରେ ନିରଞ୍ଜନ କଲେଜ ଗେଟ୍ ଡେଇଁ ଅଧ୍ୟକ୍ଷ ଡ. ବିଶ୍ୱଜିତ୍ ରାୟଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଅଧ୍ୟକ୍ଷ ରାୟଙ୍କୁ ସେ ଗାଳିଗୁଲଜ କରିବା ସହ ଏକ ହଜାର ଟଙ୍କା ଦାଦାବଟି ମାଗିଥିଲେ। ମାତ୍ର ଅଧ୍ୟକ୍ଷ ତାଙ୍କୁ ଟଙ୍କା ନ ଦେଇ ବୁଝାଶୁଝା କରି ବିଦା କରିଦେଇଥିଲେ। ପୁନର୍ବାର ଅଭିଯୁକ୍ତ ଅପରାହ୍ନ ପ୍ରାୟ ୩ଟା ବେଳେ ସେଠାରେ ପହଞ୍ଚି ଦାଦାବଟି ମାଗି ପାଟିତୁଣ୍ଡ କରିଥିଲେ। ଏଥିସହ ଅଧ୍ୟକ୍ଷ ରାୟଙ୍କୁ ହତ୍ୟା ଧମକ ଦେଇଥିଲେ। ଏହି ସମୟରେ ପରୀକ୍ଷା ନିରୀକ୍ଷଣ ଦାୟିତ୍ୱରେ ତହସିଲଦାର ସାଗରିକା ପ୍ରିୟଦର୍ଶିନୀ କଲେଜରେ ଉପସ୍ଥିତ ଥିଲେ। ଏନେଇ ଅଧ୍ୟକ୍ଷ ରାୟଙ୍କ ଥାନାରେ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ. ୧୬୭/୨୧) ରୁଜୁ କରି ନିରଞ୍ଜନଙ୍କୁ ଗିରଫ କରିଛି। ଏହି କଲେଜରେ ୪୫୩ ଜଣ ପ୍ରାର୍ଥୀ ଆରଆଇ ପଦବୀ ନିମନ୍ତେ ପରୀକ୍ଷା ଦେଇଥିଲେ।

## ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଯୋଜନାରେ ବ୍ୟାପକ ଦୁର୍ନୀତି ଅଭିଯୋଗ

ପଞ୍ଚାମୁଣ୍ଡାଇ, ୨୯।୮(ସ୍ୱ.ପ୍ର.)

ପଞ୍ଚାମୁଣ୍ଡାଇ ବ୍ଲକ ଅଧୀନରେ ଥିବା ୩୧ ପଞ୍ଚାୟତରେ ୨୦୧୮-୧୯ ଓ ୨୦୧୯-୨୦ ଆର୍ଥିକ ବର୍ଷରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଯୋଜନାରେ କରାଯାଇଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। କେନ୍ଦ୍ର ସରକାରଙ୍କ ଜନଜାତି କଲ୍ୟାଣ ଯୋଜନା ଅର୍ଥରେ ମୋଟ ୧ କୋଟି ୭୬ ଲକ୍ଷ ୮୬ ହଜାରରେ ୫୮୯ ଟଙ୍କା ଖର୍ଚ୍ଚ ହେଇଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଏଥିମଧ୍ୟରୁ ସ୍କୁଲ ନିର୍ମାଣ ପାଇଁ ୨୧,୮୬,୩୪୯ ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଇଛି। ପଞ୍ଚାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତର ବିଭିନ୍ନ ଦଳିତ ସାହି ବସ୍ତିରେ ଆଲୋକୀକରଣ ଓ ରାସ୍ତାଘାଟ ନିର୍ମାଣରେ ଏହି ଅର୍ଥ ଖର୍ଚ୍ଚ କରାଯାଇଛି। ତେବେ ବହୁ ପ୍ରକଳ୍ପ କାର୍ଯ୍ୟ କାଗଜକଲମରେ ଦର୍ଶାଇ ଅନୁଦାନ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ପଞ୍ଚାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଯୋଜନାରେ ହୋଇଥିବା ବାଟମାରଣା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦଳିତ ନେତା ଦିଲୀପ କୁମାର ମଲିକ ଦାବି କରିଛନ୍ତି। ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ପଞ୍ଚାମୁଣ୍ଡାଇ ବ୍ଲକ କଂଗ୍ରେସ କମିଟି ସଭାପତି ମଳୟ ଦାସ କହିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି।

## ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ ଅଭିଯୋଗ

ଏରସମା,୨୯।୮(ସ୍ୱ.ପ୍ର.)

**ମିଶନ ଶକ୍ତି ଗୃହ ସ୍ଥାନ ନିରୂପଣ ନେଇ ବିବାଦ**

ଏରସମା ଥାନା ଅନ୍ତର୍ଗତ ଭିତରଅନ୍ଧାରୀ ପଞ୍ଚାୟତରେ ନିର୍ମାଣ ହେବାକୁଥିବା ମିଶନ ଶକ୍ତି ଗୃହର ସ୍ଥାନ ନିରୂପଣକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ କେତେଜଣ ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର କରାଯାଇଥିବା ନେଇ ରବିବାର ଥାନାରେ ଅଭିଯୋଗ ହୋଇଛି। ଏହି ପଞ୍ଚାୟତରେ ଏକ ମିଶନ ଶକ୍ତି ଗୃହ ନିର୍ମାଣ କରିବାକୁ ମହିଳାମାନେ ଦାବି କରି ଆସୁଥିଲେ। ଏହା ନିର୍ମାଣ ହେଲେ ମିଶନ ଶକ୍ତି ପକ୍ଷରୁ ହେଉଥିବା ଭିନ୍ନ ସଭାସମିତି ସେଠାରେ ଅନୁଷ୍ଠିତ ହେବ ବୋଲି ସ୍ଥାନୀୟ ମହିଳାମାନେ ଆଶା ରଖିଛନ୍ତି । ଏନେଇ ସେମାନେ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପାଲା ମଣ୍ଡପ ପାଖରେ ସ୍ଥାନ ନିରୁପଣ କରିଥିଲେ । ଏହାକୁ ବିଚାରକୁ ନେଇ ମିଶନ ଶକ୍ତି ପକ୍ଷରୁ ଏରସମା ବ୍ଲକ ଆନୁକୂଲ୍ୟରେ ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ମାତ୍ର ପଞ୍ଚାୟତର କେତେଜଣ ଯୁବକ ଏହାକୁ ବିରୋଧ କରୁଥିଲେ। ଭିତର ଅନ୍ଧାରୀ ନଈ ପାଖରେ ଉକ୍ତ ଗୃହ ନିର୍ମାଣ କରିବାକୁ ସେମାନେ ଦାବି କରୁଥିଲେ। ରବିବାର ମହିଳାମାନେ ଗୃହ ନିରୁପଣ କରିଥିବା ସ୍ଥାନକୁ ଯାଇଥିଲେ। ଏହି ସମୟରେ ବିରୋଧୀ ଯୁବକମାନେ ସେମାନଙ୍କ ସହ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ମହିଳାମାନେ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏରସମା ଥାନା ଆଇଆଇସି ଲିଜାରାଣୀ ବିଶ୍ୱାଳ କହିଛନ୍ତି, ଅଭିଯୋଗ ହୋଇଛି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଜୀବିକା ପାଇଁ ଜୀବନ ବିପଦରେ

ମହାକାଳପଡ଼ା,୨୯।୮( ଡି.ଏନ.ଏ.)

- କୁମ୍ଭୀର ଭରା ନାଳରେ ମହିଳାଙ୍କ ମାଛଧରା
- ବନ ବିଭାଗର ସଚେତନତା ଅଭାବ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ପ୍ରବାହିତ ନଦୀ, ନାଳ ଓ ଜୋରି ଆଦିରେ ବଉଳା କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇଛି। କୁମ୍ଭୀର ସାଧାରଣତଃ ମାଛ, କଙ୍କଡା ଓ ନଦୀରେ ଥିବା ବର୍ଜ୍ୟବସ୍ତୁ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି। ଅନେକ ସମୟରେ ନଦୀ, ନାଳ ମଧ୍ୟରେ ଲୋକମାନେ ପ୍ରବେଶ କଲେ କୁମ୍ଭୀର ଆକ୍ରମଣ କରିଥାନ୍ତି। କିଛିଦିନ ପୂର୍ବେ ଛତର ଗ୍ରାମର ମହିଳାମାନେ ନାଳରେ ମାଛ ଧରୁଥିବା ବେଳେ ଏକ ବଉଳା କୁମ୍ଭୀର ଆକ୍ରମଣ କରିଥିଲା। ପରେ ମହିଳା ଜଣକ ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି। ସେହିପରି ବ୍ଲକର ରାମନଗର ଓ ପେଟଛେଲା ପଞ୍ଚାୟତର ମହାନଦୀ ଶାଖା ରାମଚଣ୍ଡୀ ଗଳିଆ ନଦୀରେ ଜୀବନ ଜୀବିକା ପାଇଁ କେତେକ ଶବର ସମ୍ପ୍ରଦାୟ ମହିଳାମାନେ ନାଳ ମଧ୍ୟରେ ବେକାଏ ପାଣିରେ ପଶି କୁମ୍ଭୀରମାନଙ୍କୁ ଭୟ ନ କରି ମାଛ, କଙ୍କଡା ଧରୁଥିବା ଦେଖିବାକୁ ମିଳିଛି। ତେବେ ଏହି ନାଳରୁ ପୂର୍ବରୁ କେତେଜଣ ମହିଳା ମାଛ



ମହାନଦୀ ଶାଖା ରାମଚଣ୍ଡୀ ଗଳିଆ ନାଳରେ ସ୍ଥାନୀୟ ମହିଳାମାନେ ବଉଳା କୁମ୍ଭୀରକୁ ଭୟ ନ କରି ବେକେ ପାଣିରେ ପଶି ମାଛ ଧରୁଛନ୍ତି।

ଧରିବା ସମୟରେ କୁମ୍ଭୀର ଆକ୍ରମଣରେ ଶିକାର ହୋଇଥିବା ନଜିର ରହିଛି। କୌଣସି ସମୟରେ କୁମ୍ଭୀର ଆକ୍ରମଣ ଭୟ ରହିଥିବା ସ୍ଥାନୀୟ ଲୋକମାନେ କହିଛନ୍ତି।

ଏହି ଆଦିବାସୀ ଶବରୀ ମହିଳାମାନଙ୍କର ଆର୍ଥିକ ସମ୍ବଳ ନ ଥିବାରୁ ନାଳରୁ ମାଛ, କଙ୍କଡା ଧରିବା ସହ ବଜାରରେ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ପୂର୍ବରୁ ଏହି ନାଳରେ ପଶି ମାଛ ଧରିବା ସମୟରେ ଜଙ୍ଗଲ ଘେରି ଶବରପଡ଼ାର ହାଣୁଆ ଭକ୍ତା, ଗୋଷ୍ଠ ଭକ୍ତାଙ୍କ ସମେତ ଅନ୍ୟ ମହିଳାମାନେ କିଛିମାସ ପୂର୍ବେ ବଉଳା କୁମ୍ଭୀରଙ୍କ ଆକ୍ରମଣର ଶିକାର ହୋଇ ଚିକିତ୍ସା ହୋଇ ଫେରିଥିଲେ। ଏଠାର ପ୍ରଶ୍ନ ଉଠୁଛି ଏହି ନାଳରେ ପ୍ରବେଶ ପାଇଁ ବନ ବିଭାଗ ପକ୍ଷରୁ ସଚେତନ ଅଭାବ ଯୋଗୁ ଅଣଦେଖା କରାଯାଉଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଶବର ସମ୍ପ୍ରଦାୟ ମହିଳାମାନଙ୍କ ମଧ୍ୟରେ ପାର୍ବତୀ ନାୟକ, ପାର୍ବତୀ ଭକ୍ତା, ସୀତା ଭକ୍ତା, ପୁତୁଲି ନାୟକ, ଗୁଡୁ ଆହାଡି, ରୁବୁନ ଭକ୍ତା, ଛଇଳି ନାୟକ ପ୍ରମୁଖ କହିବା କଥା ଆମର ଅଭାବ ସଂସାର ପରିବାର ଚଳୁଛି। ନଦୀ ନାଳରୁ ମାଛ ଓ କଙ୍କଡା ଧରି ବିକ୍ରିକରି ପରିବାର ଚଳାଇବା ପାଇଁ ପଡୁଛି। କୁମ୍ଭୀର ଆକ୍ରମଣ କଲେ ମଧ୍ୟ ଆମର ଜୀବନ ଜୀବିକା କଥା। ଦିନେ ଘରେ ବସିଲେ କିଏ ଆମ ପରିବାରକୁ ଚଳାଇବ ବୋଲି ପାଲଟା ପ୍ରଶ୍ନ କରିଛନ୍ତି। ଆମର ଜମି ନାହିଁ। ସରକାରୀ ଜଙ୍ଗଲ ଜମିରେ ବସବାସ କରୁଥିଲେ ମଧ୍ୟ ଆମ ଦୁଃଖ କେବେ ପ୍ରଶାସନ ଶୁଣିବ ବୋଲି ପ୍ରଶ୍ନ କରିଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଭଲ ଘରଟିଏ ନାହିଁ, ବାତ୍ୟା ଆସିଲେ ଜୀବନ ଯନ୍ତ୍ରଣା ବଢେ। ଏ ଦୁନିଆରେ କିଏ କାହାର ବୋଲି ଦୁଃଖ ଭରା କଣ୍ଠରେ କେତେଜଣ ଶବରୀ ମହିଳାମାନେ ନିଜ ଦୁଃଖ ବଖାଣିଛନ୍ତି।

## ସଂକ୍ଷେପରେ

### ଛାତ୍ରୀ ଅପହରଣ ଘଟଣା: କ୍ରୀଡ଼ା ଶିକ୍ଷକ ଜେଲ ଗଲେ

ଖଣ୍ଡପଡ଼ା,୨୯।୮(ସ୍ୱ.ପ୍ର.): ଖଣ୍ଡପଡ଼ା ଥାନା ଅଞ୍ଚଳରୁ ଜଣେ ୧୫ ବର୍ଷୀୟା ଛାତ୍ରୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିବା କ୍ରୀଡା ଶିକ୍ଷକ ଜ୍ଞାନ ରଞ୍ଜନ ବଳବନ୍ତରାୟ (୩୫)ଙ୍କୁ ପୋଲିସ କଟକ ଅଞ୍ଚଳରୁ ୨ଦିନ ତଳେ ଗିରଫ କରିଥିଲା। ଏ ସମ୍ପର୍କରେ ପୋଲିସ ଖୋଳତାଡ କରିବା ସହ ଅଭିଯୁକ୍ତ କ୍ରୀଡ଼ା ଶିକ୍ଷକଙ୍କୁ ରବିବାର କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡ଼ା ସବ୍‌ଜେଲକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଅଭିଯୁକ୍ତ କ୍ରୀଡ଼ା ଶିକ୍ଷକ ଜଣକ ସ୍ଥାନୀୟ ଏକ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ଅଧୀନ ମାର୍ଶାଘାଇ ଅଞ୍ଚଳରେ ବୋଲି ଆଇଆଇସି ବିଶ୍ୱଜିତ ରାଉତରାୟଙ୍କଠାରୁ ପ୍ରକାଶ।

### ପିଲାଙ୍କ ମନରେ ଆତ୍ମବିଶ୍ୱାସ ବଢାଇବାକୁ ପାଠଚକ୍ର

ନୟାଗଡ଼ ଅଫିସ/ ଓଡ଼ଗାଁ, ୨୯।୮ (ସ୍ୱ.ପ୍ର.): ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ବିଜୟ ମଣ୍ଡପ ସାହି ରେ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ ହୋଇ ଯାଇଛି। ଏ ଉପଲକ୍ଷେ ପିଲାମାନଙ୍କ ମନରେ ଆତ୍ମବିଶ୍ୱାସ ବଢ଼ାଇବାର ଉପାୟ ଏବଂ ଶ୍ରୀଅରବିନ୍ଦ ଓ ଆଦର୍ଶ ଶିଶୁର ଲକ୍ଷଣ ଉପରେ ପାଠଚକ୍ର ହୋଇଥିଲା। ଏଥିରେ ଓଡ଼ଗାଁ ଏବଂ ଏହାର ଆଖପାଖ ଅଞ୍ଚଳର ୫୦ଜଣ ମାତୃପ୍ରେମୀ ଯୋଗଦେଇଥିଲେ। ବ୍ଲକ ଯୁଗ୍ମ ଆବାହକ ସନ୍ତୋଷ କୁମାର ସାହୁ, ଜିଲା କାର୍ଯ୍ୟକାରୀ କମିଟିର ସଦସ୍ୟ ରାଜ କିଶୋର ନାୟକ, ରଞ୍ଜିତ କୁମାର ମହାନ୍ତ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସଭ୍ୟା ଅପର୍ଣ୍ଣା ବିଶୋଇ, ଓଡ଼ଗାଁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ସାହୁ ଓ ହରିହର ଡାକୁଆ ଏବଂ ରୋଜି ଅପା, ବବି ଅପା, ଲକ୍ଷ୍ମୀ ଅପା, ବିଜୟଲକ୍ଷ୍ମୀ ଅପା, ଅବସର ପ୍ରାପ୍ତ ଶିକ୍ଷକ ବୃନ୍ଦାବନ ରାଉତ, ଅର୍ଚ୍ଚନା ବିଶୋଇ, କିଶୋର ଚନ୍ଦ୍ର ମିଶ୍ର ଉପସ୍ଥିତ ରହିଥିଲେ। ଏହାର ଆୟୋଜକ ଥିଲେ ଅରାତୀ ଜେନା ଓ ଜ୍ୟୋତିରଞ୍ଜନ ଜେନା। ପ୍ରତ୍ୟେକ ଶିଶୁ ସ୍ୱତନ୍ତ୍ର ଅଟେ। ସମସ୍ତଙ୍କ ପାଖରେ କିଛି ନା କିଛି ସମ୍ଭାବନା ଭରି ରହିଛି। ଆମକୁ ଟିକିଏ ସହଯୋଗର ହାତ ବଢାଇବାକୁ ହେବ। ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ନୂତନ ପୃଥିବୀର ପରିକଳ୍ପନାର ସ୍ୱପ୍ନକୁ ସାକାର କରିବାକୁ ପାଠଚକ୍ରର ଆୟୋଜନ ବୋଲି ଅତିଥିମାନେ କହିଥିଲେ।

### କର୍ମକର୍ତ୍ତା ନିର୍ବାଚନ

ନୟାଗଡ ଅଫିସ,୨୯।୮: ନୟାଗଡ ଜିଲା ରଙ୍ଗତୁଳି କଳାକାର ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନୟାଗଡ ବ୍ଲକ ପ୍ରତାପ ପ୍ରସାଦ ମା’ ଭୈରବୀ ପୀଠରେ ଆୟୋଜିତ ସଭାରେ ଜିଲାର ୮ ବ୍ଲକ ଓ ୫ ସହରାଞ୍ଚଳର ରଙ୍ଗତୁଳି କଳାକାର ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ସନ୍ତୋଷ ପ୍ରଧାନ ସଭାପତି, ହେମନ୍ତ ନାୟକ ସମ୍ପାଦକ, ଦୁର୍ଯ୍ୟୋଧନ ଦଳେଇ ସହସମ୍ପାଦକ, ଉପସଭାପତି ବସନ୍ତ ନାୟକ ଓ ବିମଳ ମହାରଣା, ବିପିନ ବିହାରୀ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରତି ବ୍ଲକର ଦୁଇଜଣ ସଭ୍ୟ ଜିଲା କମିଟିରେ ସ୍ଥାନ ପାଇଛନ୍ତି।

# ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଦିଗହରା

ଖଣ୍ଡପଡ଼ା,୨୯।୮(ସ୍ୱ.ପ୍ର.)

## ମୁଣ୍ଡିଆ ଖୋଳରୁ ମିଳିଲା ୨୦୦ରୁ ଊର୍ଦ୍ଧ୍ୱ ପୋଷାକ



ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ଆତ୍ମ ନିର୍ଭରଶୀଳ କରିବାର ମହତ ଲକ୍ଷ୍ୟରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ବିଶେଷକରି ଜିଲା ଓ ବ୍ଲକ ସ୍ତରରେ ଯୁବତୀଯୁବକଙ୍କୁ ଏହି ଯୋଜନାରେ ପ୍ରଶିକ୍ଷଣ ପ୍ରଦାନର ବ୍ୟବସ୍ଥା କରାଯାଇଛି। ଯୋଜନାରେ ୨୦୧୯ ଡିସେମ୍ବରରେ ଖଣ୍ଡପଡା ବ୍ଲକ ଅଧୀନ ମର୍ଦ୍ଦରାଜପୁରରେ ଆରମ୍ଭ କରାଯାଇଥିଲା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା। ପ୍ରଥମ ପର୍ଯ୍ୟାୟରେ ୫୦ଜଣ ଯୁବତୀଯୁବକଙ୍କୁ ଜିଲା ବାହାରୁ ତଥା ରାଜ୍ୟ ବାହାରୁ ଆସିଥିବା ପ୍ରଶିକ୍ଷକମାନେ ଘରର ବିଭିନ୍ନ ଉପକରଣ ତଥା ରୋଷେଇ, ଗୃହ ସଫା ଓ ପରିବେଶ ସୁରକ୍ଷା ଆଦି ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏହି ଯୋଜନାରେ ପ୍ରତି ତାଲିମଧାରୀଙ୍କୁ ୫ ଶହ ଟଙ୍କା ପ୍ରଦାନ କରାଯିବା ସହ ତାଲିମ ପରେ ମାନପତ୍ର ପ୍ରଦାନର ବ୍ୟବସ୍ଥା ରହିଥିଲା। ତେବେ ପିଲାମାନଙ୍କୁ କେବଳ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ପ୍ରୋତ୍ସାହନ ରାଶି ଆଦୌ ଦିଆଯାଇ ନ ଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ତେବେ ଜାନୁୟାରୀ ପରଠାରୁ କୌଣସି ପ୍ରଶିକ୍ଷକଙ୍କ ଏହି ଅଞ୍ଚଳକୁ ଆସି ନ ଥିବା ଜଣାପଡିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଏହି ତାଲିମ ସମ୍ପର୍କରେ ବୁଝାସୁଝା କରୁଥିବା ଜଣେ ବ୍ୟକ୍ତିଙ୍କୁ ବିଧି ବ୍ୟବସ୍ଥା କ୍ରମେ ଆର୍ଥିକ ସହାୟତା ମିଳିବାର ପ୍ରଲୋଭନ ଦେଖାଇ ପରବର୍ତ୍ତୀ ସମୟରେ ସେମାନଙ୍କ ଦେଖା ଦର୍ଶନ ମିଳି ନ ଥିବା ଅଭିଯୋଗ ହେଉଛି। ତେବେ ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ ପ୍ରଦାନ କରି ପ୍ରଶିକ୍ଷକମାନଙ୍କର ଦକ୍ଷତା ବୃଦ୍ଧି କରିବା ସହ ସେମାନଙ୍କୁ ଡ୍ରେସକୋଡ ଓ ଷ୍ଟାଇପେଣ୍ଡ ପ୍ରଦାନ କରାଯିବା ବାବଦରେ କେନ୍ଦ୍ର ସରକାର ଲକ୍ଷାଧିକ ଟଙ୍କା ବ୍ୟୟ କରୁଥିଲେ। ହେଲେ ତୃଣମୂଳ ସ୍ତରରେ ଏହି ଯୋଜନାର ସଫଳ ରୂପାୟନ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଖଣ୍ଡପଡା ବ୍ଲକ ଅଧୀନ ମର୍ଦ୍ଦରାଜପୁର ଗାଁର ମୁଣ୍ଡିଆ ହନୁମାନଙ୍କ ପୀଠ ପରିସରସ୍ଥିତ ଚେମେଡି ଖୋଲରୁ ସ୍ଥାନୀୟ ଅଞ୍ଚଳର ଯୁବକମାନେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଲୋଗେ ଲାଗିଥିବା ଶତାଧିକ ଡ୍ରେସ୍ କୋଡ୍ (ପୋଷାକ) ପାଇଛନ୍ତି। ଏତେ ସଂଖ୍ୟକ ଡ୍ରେସ୍ ମୁଣ୍ଡିଆ ଉପରକୁ କେଉଁଠୁ ଆସିଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନିକ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଇ ଘଟଣାର ଅନୁସନ୍ଧାନ କରିବାକୁ ସାଧାରଣରେ ଦାବି ହେଉଛି।




ନୂଆଗାଁ ବ୍ଲକ ମହୀପୁର ରାମଚଣ୍ଡୀ ମନ୍ଦିର ପରିସରରେ ଭାରତୀୟ ମଜଦୁର ସଂଘ ନୟାଗଡ଼ ଜିଲା ସମ୍ପାଦକ ସୁକାନ୍ତ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ରବିବାର ବୈଠକ ପରେ ଆଶା ସଂଘ ଗଠିତ ହୋଇଛି। ଏଥିରେ ଯୋଗ ଦେଇଥିବା ଆଶାକର୍ମୀମାନେ।

# କୋର୍ ବ୍ୟାଙ୍କିଙ୍ଗ୍ ସଲ୍ୟୁଶନ ବ୍ୟବସ୍ଥା ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ରଣପୁର,୨୯।୮(ସ୍ୱ.ପ୍ର.)

ନୟାଗଡ଼ ଜିଲା ଡାକମଣ୍ଡଳ ଅଧୀନ ରଣପୁର ବ୍ଲକ ଗୋପାଳପୁର ଉପଡାକଘରେ କୋର୍ ବ୍ୟାଙ୍କିଙ୍ଗ୍ ସଲ୍ୟୁଏଶନ୍ (ସିବିଏସ୍) ବ୍ୟବସ୍ଥା ରବିବାର ଉଦ୍‌ଘାଟିତ ହୋଇଯାଇଛି। ନୟାଗଡ଼ ଡାକମଣ୍ଡଳ ଅଧୀକ୍ଷକ ଭରତ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ଗ୍ରାହକମାନେ ଅନ୍‌ଲାଇନ୍ ନେଣଦେଣ, ଇଣ୍ଡିଆ ପୋଷ୍ଟ ପେମେ ବ୍ୟାଙ୍କ, ଆଧାର ନମ୍ବର ମାଧ୍ୟମରେ ଅନ୍ୟ ବ୍ୟାଙ୍କରେ ଟଙ୍କା ଜମା, ଉଠାଣ, ପ୍ରଧାନମନ୍ତ୍ରୀ ବୀମା ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ବୀମା ଜ୍ୟୋତି ଯୋଜନା, ଅଟଳ ପେନସନ ଯୋଜନା ପ୍ରମୁଖ ସହଜରେ ହୋଇପାରିବ ବୋଲି ମୁଖ୍ୟ ଅତିଥି କହିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ଗ୍ରାହକମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ପୂର୍ବ ଉପ ଡାକମଣ୍ଡଳ ନିରୀକ୍ଷକ ବିଭୂତି ଭୂଷଣ ପଣ୍ଡା, ବୀମା ଅଧିକାରୀ ସଚ୍ଚିଦାନନ୍ଦ କୁମାର, ପ୍ରଯୁକ୍ତି ଅଧିକାରୀ କବିରାଜ ନାୟକ, ଗୋପାଳପୁର ଉପଡାକପାଳ କୁଳମଣି ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବନ୍ଧମୁଣ୍ଡା ଉପଡାକଘର କର୍ମଚାରୀ ଅକ୍ଷୟ କୁମାର ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।

# ଗଞ୍ଜେଇ କାରବାରରେ ସମ୍ପୃକ୍ତ ଅଭିଯୁକ୍ତ ଗିରଫ

ଖଣ୍ଡପଡ଼ା,୨୯।୮(ସ୍ୱ.ପ୍ର.)

୨୦୧୧ରେ ରାଣୀପଡା ଗାଁର ଦାଶରଥି ଜେନା ଚୋରା ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା ନେଇ ଖଣ୍ଡପଡ଼ା ଥାନାରେ ମାମଲା ରୁଜୁ ହୋଇଥିଲା। ଦୀର୍ଘ ୧୦ବର୍ଷ ପରେ ପୋଲିସ ତାଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ୨୦୧୧ରେ ଏକ ଚୋରା ଗଞ୍ଜେଇ କାରବାରରେ ଜେନା ସମ୍ପୃକ୍ତ ଥିବା ନେଇ ସେହି ସମୟରେ ଥାନାରେ ମାମଲା ରୁଜୁ ହୋଇଥିଲା। ଏହାପରଠାରୁ ସେ ଫେରାର ହୋଇଯାଇଥିଲେ। ତେବେ ସେ ଗ୍ରାମକୁ ଫେରିଥିବା ସମ୍ପର୍କରେ ପୋଲିସ ବିଶେଷ ସୂତ୍ରରୁ ସୂଚନା ପାଇ ଆଇଆଇସି ବିଶ୍ୱଜିତ ରାଉତରାୟ, ଏସ୍‌ଆଇ ଶ୍ରଦ୍ଧା ନାୟକ ସଦଳବଳ ରବିବାର ରାଣୀପଡା ଗାଁରେ ପହଞ୍ଚି ତାଙ୍କୁ ଗିରଫ କରିଥିଲେ।

# ଡାଟା ଏଣ୍ଟ୍ରି ଅପରେଟର ୟୁନିୟନ ବୈଠକ

ନୟାଗଡ଼ ଅଫିସ,୨୯।୮

ନୟାଗଡ଼ ଜିଲା ବିଭିନ୍ନ ବ୍ଲକର ସମବାୟ ସମିତିରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟରଙ୍କ ବୈଠକ ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ୟୁନିୟନର ସଭାପତି ବାମନ ଚନ୍ଦ୍ର ରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ୟୁନିୟନର ପରାମର୍ଶଦାତା, ଆବାହକ ତଥା ରାଜ୍ୟ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସହସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ ଯୋଗ ଦେଇଥିଲେ। ପଟ୍ଟନାୟକ କହିଥିଲେ, ସମବାୟ ସମିତି ସମ୍ପାଦକମାନେ ବହୁ ସମୟରେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଅସୁବିଧାରେ ପକାଇବାକୁ ଚେଷ୍ଟା କରୁଛନ୍ତି। ଏସବୁ ସତ୍ତ୍ୱେ ଡାଟା ଏଣ୍ଟ୍ରି ଅପରେଟରମାନେ କମ୍ ଦରମାରେ କାର୍ଯ୍ୟକରି ସମସ୍ତଙ୍କୁ ସେବା ଯୋଗାଇ ଆସୁଛନ୍ତି। ଏଣୁ ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ନିୟମିତ ଦରମା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା କରି ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ବରିଷ୍ଠ ନାଗରିକ ଲକ୍ଷ୍ମଣ ମଲ୍ଲ ମଧ୍ୟ ସମସ୍ତ କାର୍ଯ୍ୟରେ ଉପସ୍ଥିତ ରହି ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ଜନତା ଦଳର ସଭାପତି ଦୁର୍ଯ୍ୟୋଧନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାର ଡାଟା ଏଣ୍ଟ୍ରି ଅପରେଟରଙ୍କ ସମସ୍ୟା ସମ୍ପର୍କରେ ଅବଗତ ଅଛନ୍ତି ବୋଲି କହିଥିଲେ। ୟୁନିୟନର ଉପସଭାପତି ମନୋରଞ୍ଜନ ସାହୁ, ସାଧାରଣ ସମ୍ପାଦକ ସୁବ୍ରତ ପ୍ରଧାନ, ସମ୍ପାଦକ କେଦାର ପ୍ରଧାନ, କୋଷାଧ୍ୟକ୍ଷ ସ୍ୱାଇଁଙ୍କ ସମେତ ୬୦ ଡାଟା ଏଣ୍ଟ୍ରି ଅପରେଟର ଯୋଗ ଦେଇଥିଲେ।



ଡାଟା ଏଣ୍ଟ୍ରି ଅପରେଟର ୟୁନିୟନ ବୈଠକରେ ଯୋଗ ଦେଇଥିବା ଅତିଥିମାନେ।

# ଆରମ୍ଭ ହେଲା ଖୁଦୁରୁକୁଣୀ ଓଷା

ଖଣ୍ଡପଡା,୨୯।୮(ସ୍ୱ.ପ୍ର.)

ପାରମ୍ପରିକ ଖୁଦୁରୁକୁଣୀ ଓଷା ରବିବାରଠାରୁ ଖଣ୍ଡପଡା, ଖଳିସାହି, ମର୍ଦ୍ଦରାଜପୁର, କଣ୍ଟିଲୋ ଏବଂ ଭାପୁର ବ୍ଲକ ଅନ୍ତର୍ଗତ କଳପଙ୍ଗୀ, ଧାନଚେଙ୍ଗଡା ଆଦି ଗ୍ରାମରେ ଆରମ୍ଭ ହୋଇଛି। ସାଜସଜ୍ଜା ଓ ମୂର୍ତ୍ତିକୁ ନେଇ ସାହିର ଯୁବତୀମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ରାତି ଅଧରୁ ଗାଁର ଯୁବତୀମାନେ ଦଳ ଦଳ ହୋଇ ବିଭିନ୍ନ ସ୍ଥାନରୁ ଫୁଲ ତୋଳିବା ପରେ ସକାଳୁ ସକାଳୁ ମହାନଦୀ ଓ ପୋଖରୀ ତୁଠକୁ ଯାଇ ବାଲୁକା ପୂଜା କରିଥିଲେ। ପରେ ସେମାନେ ଗ୍ରାମ ଦେବତୀଙ୍କ ପାଖରେ ପାଣି ତୋଳିଥିଲେ। ଯୁବତୀମାନଙ୍କ ସହ ନବବିବାହିତା ବୋହୂମାନେ ଏହି ପୂଜାରେ ସାମିଲ ହୋଇଥିଲେ। କଣ୍ଟିଲୋ ଓ ଖଣ୍ଡପଡା ଅଞ୍ଚଳର ପ୍ରାୟ ଶତାଧିକ ସ୍ଥାନରେ ପୂଜା ମଣ୍ଡପଗୁଡିକୁ ରଙ୍ଗ ବେରଙ୍ଗ ଆଲୋକରେ ସଜ୍ଜିତ ହୋଇଥିବା ଦେଖିବାକୁ ମିଳିଥିଲା।

# ଅବସରକାଳୀନ ସମ୍ବର୍ଦ୍ଧନା



କ୍ରୀଡା ଦିବସରେ ଅବସରପ୍ରାପ୍ତ କୀଡା ଶିକ୍ଷକଙ୍କ ସମ୍ବର୍ଦ୍ଧନା।

ଖଣ୍ଡପଡ଼ା,୨୯।୮(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ୪ଜଣ କ୍ରୀଡା ଶିକ୍ଷକଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ନୟାଗଡ ଜିଲା ଓଷ୍ଟାର ସଭାପତି ଅଯୋଦ୍ଧାନାଥ ନାୟକ, ଖଣ୍ଡପଡା ବ୍ଲକ ସମ୍ପାଦକ ପ୍ରଭାକର ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦେଇ ପ୍ରମୁଖ ଯୋଗ ଦେଇଥିଲେ। ଅବସରଗ୍ରହଣ କରିଥିବା କ୍ରୀଡା ଶିକ୍ଷକ ଦୟାନିଧି ଆଚାର୍ଯ୍ୟ, ନିତ୍ୟାନନ୍ଦ ଦଳେଇ, ବସନ୍ତ କୁମାର ଗୋଛି ଓ ଅଭୟ ଚରଣ ନାୟକ ପ୍ରମୁଖଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ।

# ଶରଣକୁଳ ବ୍ରାଞ୍ଚ ସମ୍ମିଳନୀ

ନୟାଗଡ ଅଫିସ,୨୯।୮

ସ୍ଥାନୀୟ କଟରାଝରୀ ଗାଁରେ ସିପିଆଇ(ଏମ୍) ଦଳର ଶରଣକୁଳ ବ୍ରାଞ୍ଚ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। କମ୍ରେଡ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ର ଯୋଗଦେଇ ଲାଲ ପତାକାକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ସରକାରର ଶ୍ରମିକ କୃଷକ ମାରଣ ନୀତି ବିରୋଧରେ ଆନ୍ଦୋଳନ କରିବାକୁ ଦଳୀୟ କର୍ମୀଙ୍କୁ ମହାପାତ୍ର ଆହ୍ୱାନ ଦେଇଥିଲେ। ପବିତ୍ର ଇନ୍ଦ୍ରଜିତ୍ ସମ୍ମିଳନୀର ଆଭିମୁଖ୍ୟ ଓ ଧାରା ଉପରେ ଆଲୋକପାତ କରିଥିଲେ। ବ୍ରାଞ୍ଚ ସମ୍ପାଦକ ପବିତ୍ର ମହାରଣା, ଆଞ୍ଚଳିକ ସମ୍ପାଦକ ଗୋଲକ ବିହାରୀ ମୁଦୁଲି ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଥିଲେ। ଆସନ୍ତା ୩ ବର୍ଷ ପାଇଁ ନିରଞ୍ଜନ ସାହୁ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

# ଦଶପଲ୍ଲା ଚାଷୀ ସମାବେଶ ୩୧ରେ

ଦଶପଲ୍ଲା ୨୯।୮(ଡି.ଏନ.ଏ.)

ନୟାଗଡ ଜିଲାକୁ ମରୁଡି ଘୋଷଣା ଦାବିରେ ୩୧ ତାରିଖରେ ଦଶପଲ୍ଲାରେ ଚାଷୀ ସମାବେଶ ନିମନ୍ତେ ପ୍ରସ୍ତୁତି ହୋଇଥିବା ଜଣାଯାଇଛି। ମରୁଡି ଘୋଷଣା ସମେତ ୫ ଦଫା ଦାବିକୁ ନେଇ ତହସିଲ ଅଫିସ ସମ୍ମୁଖରେ ଚାଷୀ ସମାବେଶ ସହ ତହସିଲଦାରଙ୍କୁ ଦାବି ପତ୍ର ପ୍ରଦାନ କରାଯିବ ବୋଲି ଆବାହକ ଚଣ୍ଡାଳ ପ୍ରଧାନ ପ୍ରକାଶ କରିଛନ୍ତି।

# ଶରଣକୁଳ ବାଇପାସ୍ ନିର୍ମାଣରେ ବିଳମ୍ବ

ନୟାଗଡ଼ ଅଫିସ,୨୯।୮

- ଉଦ୍‌ବେଗ ପ୍ରକାଶ କଲା କ୍ରିୟାନୁଷ୍ଠାନ କମିଟି
- କଟରାଝରୀରୁ ଶିଖରପୁର ୩ କିମି ରାସ୍ତା ବାଇପାସ୍ ହେଉ

ନୟାଗଡ଼ ଜିଲାର ଲଡୁବାବାଙ୍କ ପୀଠ ଦେଇ ଯାଇଥିବା ୨୪ ନଂ. ରାଜ୍ୟ ରାଜପଥର ଶରଣକୁଳ ବଜାର ଅଞ୍ଚଳ ଦୁର୍ଘଟଣା ପ୍ରବଣ ଜୋନ ହୋଇଛି। ଏହି ରାସ୍ତାରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଆହତ ଓ ମୃତକଙ୍କ ସଂଖ୍ୟା ବଢ଼ି ଚାଲିଛି। ୨୦୨୦ ନଭେମ୍ବର ୨୪ରେ ଶରଣକୁଳ ବଜାରରେ ଡମ୍ପର ଧକ୍କାରେ ୨ଟି ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ୬ଜଣଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ନାବାଳିକା, ଜଣେ ବୃଦ୍ଧ, ୨ ମହିଳା ଓ ଜଣେ ଯୁବକ ଥିଲେ। ପରେ ବାଇ ପାସ୍ ରାସ୍ତା ନିର୍ମାଣ ଦାବି ଜୋର ଧରିଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ପ୍ରଶାସନ ପକ୍ଷରୁ ବାଇପାସ୍ ସର୍ଭେ ହୋଇଥିଲା। କଟରାଝରୀ ବନ୍ଧଠାରୁ ଶିଖରପୁର ପର୍ଯ୍ୟନ୍ତ ୩ କମି ରାସ୍ତା ବାଇପାସ୍ ହେବାର ପ୍ରସ୍ତାବ ଆସିଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ସର୍ଭେ ହୋଇଥିବା ସମ୍ପୃକ୍ତ ରାସ୍ତାକୁ କ୍ରିୟାନୁଷ୍ଠାନ କମିଟି ସହମତି ପ୍ରକାଶ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରଶାସନକୁ ପରାମର୍ଶ ଦେଇଛି। ଏ ନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ସଭା ରବିବାର ପାନ୍ଥନିବାସଠାରେ ଅନୁଷ୍ଠିତ ହୋଇଛି। କମିଟିର ସଭାପତି ସୁବାସ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାଇପାସ୍ ନିର୍ମାଣରେ ବିଳମ୍ବ ହେଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ପୂର୍ତ୍ତ ବିଭାଗର ସର୍ଭେ ରାସ୍ତାକୁ ଅଣଦେଖା କରି ଗୋଡିସାହିଠାରୁ ବାଉଁଶିଆ ଯାଇଥିବା ରାସ୍ତାକୁ ଆରଡି ରୋଡର ସମ୍ପ୍ରସାରଣ ପ୍ରସ୍ତାବ ଶରଣକୁଳ ବାଇପାସର ସ୍ଥାନ ନେଇ ପାରିବ ନାହିଁ। ଏ ନେଇ ସରକାର ଓ ପ୍ରଶାସନକୁ ଅବଗତ କରାଯାଇ ବାଇପାସ ରାସ୍ତାକୁ ତୁରନ୍ତ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଜିଲା ପରିଷଦ ସଭ୍ୟ ସନ୍ନ୍ୟାସୀ ପ୍ରଧାନ ଓ ଭାଗବତ ସେଠୀ, ସରପଞ୍ଚ ବୈକୁଣ୍ଠ ସିଠ, ଲିଙ୍ଗରାଜ ପାତ୍ର, ପୂର୍ବତନ ସରପଞ୍ଚ ମଦନ ନନ୍ଦ, ଗୋଲକ ବିହାର ମୁଦୁଲି, ପବିତ୍ର ଇନ୍ଦ୍ରଜିତ୍, କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ମତାମତ ଉପସ୍ଥାପନ କରିଥିଲେ।

# ସେପ୍ଟେମ୍ବରରେ କୋର୍ଟ କୋଠା କାମ ସାରିବାକୁ ନିର୍ଦ୍ଦେଶ

ଓଡ଼ଗାଁ, ୨୯।୮ (ସ୍ୱ.ପ୍ର.)

## ହାଇକୋର୍ଟ ଦୁଇ ବିଚାରପତିଙ୍କ ଓଡ଼ଗାଁ ଗସ୍ତ

ହାଇକୋର୍ଟ କନଷ୍ଟ୍ରକଶନ କମିଟି ଚେୟାରମ୍ୟାନ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ, ଡ.ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ରବିବାର ଓଡ଼ଗାଁ ଗସ୍ତରେ ଆସି ନିର୍ମାଣ ହେଉଥିବା ନୂତନ କୋର୍ଟ କୋଠା ପରିଦର୍ଶନ କରିଛନ୍ତି। ସେପ୍ଟେମ୍ବର ଶେଷ ସୁଧା ସମସ୍ତ ବକେୟା ନିର୍ମାଣ କାର୍ଯ୍ୟ ସାରିବାକୁ ଓଡ଼ିଶା ପୋଲିସ ହାଉସିଂ ବୋର୍ଡ, ପୂର୍ତ୍ତ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗରର ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କୋଠା ପୋର୍ଟିକୋ ତଳେ ସମ୍ପୂର୍ଣ୍ଣ ଭାବ ଟାଇଲ ବିଛାଇବା ସହ ସାମ୍ନାରେ ଥିବା ବଗିଚାରେ ଚାରାରୋପଣ କରିବା ଏବଂ କୋଠାର ବାହାର ଓ ଭିତର କାର୍ଯ୍ୟ ତୁରନ୍ତ ସାରିବା ପାଇଁ କହିଥିଲେ। ଏତଦ୍‌ବ୍ୟତୀତ ସବ-ଜଜ୍‌ଙ୍କ କ୍ୱାର୍ଟର୍ସ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରାଯାଇଥିଲା। କ୍ୟାଣ୍ଟିନକୁ ୨ ଭାଗରେ ବିଭକ୍ତ କରିବା ସହ ବାର ଆସୋସିଏଶନରେ ଏସି ଲଗାଇବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଷ୍ଟାପ କ୍ୱାର୍ଟର୍ସକୁ ଯିବା ପାଇଁ ହୋଇଥିବା ଆପ୍ରୋଚ ରୋଡର ଉଭୟ ପାର୍ଶ୍ୱରେ ବଉଳ ଚାରା ରୋପଣ କରିବାକୁ କହିଥିଲେ। ଜିଲା ଦୌରାଜଜ୍ ରୁପାଶ୍ରୀ ଚୌଧୁରୀ, ଓଡ଼ଗାଁ ନ୍ୟାୟାଧିକାରୀ ସୁଧାବାଇ ଅଗ୍ରଓାଲ, ଅତିରିକ୍ତ ଦୌରାଜଜ୍ ଶିବାଶିଷ ଗିରି, ଦେୱାନି କନିଷ୍ଠ ଜଜ୍ ଅପୂର୍ବ ରାୟ ପ୍ରମୁଖଙ୍କ ସହ ଓଡ଼ଗାଁ ବାର ଆସୋସିଏଶନ ସଭାପତି ଆଇନଜୀବୀ ପବିତ୍ର ମୋହନ ସାହୁ, ଆଇନଜୀବୀ ଗୋବିନ୍ଦ ସାହୁ ଏବଂ ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ଧର, ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ବେହେରା ଉପସ୍ଥିତ ରହିଥିଲେ। ଏହାସହ ଉଭୟ ବିଚାରପତି ଓଡ଼ଗାଁର ଶ୍ରୀରଘୁନାଥ ଜୀଉ ଓ ଜାମୁପାଟଣାରେ ବିଜେ ବାବା ଦୂତିକେଶ୍ୱର ମହାଦେବଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ।



ଓଡ଼ଗାଁରେ ନୂତନ ଭାବେ ନିର୍ମାଣ ହେଉଥିବା କୋର୍ଟ କୋଠାକୁ ହାଇକୋର୍ଟ ୨ ବିଚାରପତି ପରିଦର୍ଶନ ସମୟରେ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୦ ଅଗଷ୍ଟ, ୨୦୨୧



## ଲଗାଣ ବର୍ଷାରେ ୫୦୦ ଭରଣ ଜମି ଜଳମଗ୍ନ

ଶେରଗଡ,(ଡି.ଏନ.ଏ.)-ଶେରଗଡ଼ ବ୍ଲକରେ ଗତ ତିନିଦିନ ହେଲା ଲଗାଣ ବର୍ଷା ଲାଗି ରହିଛି । ଏହାର ପ୍ରଭାବରେ ରାମଗିରି, ପାଟପଲ୍ଲି ଓ ବାରସିଙ୍ଗି ଗ୍ରାମର ପ୍ରାୟ ୫୦୦ ଭରଣ ଜମିର ଧାନ ଫସଲ ପାଣି ବୁଡି ଯାଇଛି। ସେହିପରି ଭେଟସିଙ୍ଗି, ତାକରଡ଼ା, କୃଷ୍ଣଛାଇ ଗ୍ରାମରେ କେନାଲ ପାଣି ଆସିବା ଫଳରେ ବହୁ ଜମି ଜଳମଗ୍ନ ହୋଇଯାଇଛି। ଶେରଗଡ଼ର ତିନିଛକ ଲାଗିଥିବା ପ୍ରାୟ ୫୦୦ ଭରଣ ଜମିରେ ଜଳ ଜମି ରହିବାରୁ ଶେରଗଡରେ ପାଣି ନିଷ୍କାସନରେ ସମସ୍ୟା ସୃଷ୍ଟି ହେବାରେ ଲାଗିଛି। ତେବେ ଶୀଘ୍ର ଜମି ରହିଥିବା ପାଣି ନିଷ୍କାସନ ନ ହେଲେ ଫସଲ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ତେଣୁ ଶୀଘ୍ର ପାଣି ନିଷ୍କାସନ କରିବାକୁ ସାଧାରଣରେ ଦାବି ହେଉଛି।

### ସଂକ୍ଷେପରେ

## ଦିନକରେ ୩ ଅପମୃତ୍ୟୁ ମାମଲା

ବ୍ରହ୍ମପୁର ଅଫିସ,୨୯।୮: ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଧୀନରେ ରବିବାର ୩ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଦୁଇଟି ମାମଲା ମେଡିକାଲ ଫାଣ୍ଡିରେ ହୋଇଥିବା ବେଳେ ଗୋଟିଏ ଥାନାରେ ହୋଇଛି। କୋଦଳା ଥାନା ଅନ୍ତର୍ଗତ ତୁମୁଡା ଗ୍ରାମର ଚାଷୀ କେ.ହାଡୁବନ୍ଧୁ ପାତ୍ର ଚାଷ କାମ ପାଇଁ ମହାଜନଙ୍କଠାରୁ କିଛି ଟଙ୍କା ଧାର ଆଣିଥିଲେ। ଶୁଝି ନ ପାରି ସେ ଗତ ୨୫ ତାରିଖରେ ବିଷପାନ କରିଥିଲେ। କତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବାପା କେ.ଗଙ୍ଗାଧର ପାତ୍ର ଏନେଇ ମେଡିକାଲ ଫାଣ୍ଡିରେ ଲିଖିତ ଭାବେ ଜଣାଇଥିଲେ। ପୋଲିସ ରବିବାର କମୃତଦେହ ଜବତକରି ନଂ.୪୩୯/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ଅଶୋକନଗର ଦ୍ୱିତୀୟ ଲେନ୍‌ରେ ନାରାୟଣ ଚୌଧୁରୀ ଓ ତାଙ୍କ ଝିଅ କ୍ରିଷ୍ଣା କୁମାରୀ ଚୌଧୁରୀ ରହୁଥିଲେ। ଯୁବତୀ ଜଣକ ଶନିବାର ରାତିରେ ଘରେ ଥିବା କୀଟନାଶକ ଖାଇ ଦେଇଥିଲେ। ତାଙ୍କୁ ଶନିବାର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ। ପୋଲିସ ରବିବାର ମନଂ.୪୪୦/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ରବିବାର ସକାଳେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବାଘଲା ଗ୍ରାମର ସାୟଲ ସେନାପତି (୧୨) ସାଙ୍ଗମାନଙ୍କ ସହ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ସେ ବୁଡିଯାଇଥିଲେ। ଲୋକେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ନଂ. ୪୪୧/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଆଜି ବ୍ରହ୍ମପୁର ଆସିବେ ପୋଲିସ ଡିଜି

ବ୍ରହ୍ମପୁର ଅଫିସ, ୨୯।୮: ପୋଲିସ ଡିଜି ଅଭୟ ସୋମବାର ଦିନିକିଆ ଗଞ୍ଜାମ ଜିଲା ଗସ୍ତରେ ଆସୁଛନ୍ତି। ସେ ବ୍ରହ୍ମପୁର ଓ ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସ୍ଥିର ହୋଇଛି। ପୂର୍ବାହ୍ନ ପ୍ରାୟ ୧୦ ଟାରେ ଗୋଷାଣୀନୂଆଗାଁ ଥାନାର ନୂତନ କୋଠା ଓ ଗୋପାଳପୁର ଥାନା ଅନ୍ତର୍ଗତ ଭଞ୍ଜବିହାର ଫାଣ୍ଡି ନୂତନ କୋଠା ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ସେହିପରି ଗଞ୍ଜାମ ପୋଲିସ ଜିଲା ରମ୍ଭା ଥାନାର ନୂତନ କୋଠା ଉଦ୍‌ଘାଟନ କରିବେ ବୋଲି କାର୍ଯ୍ୟସୂଚୀ ସ୍ଥିର କରାଯାଇଛି।

## ଯବାନଙ୍କ ଆତ୍ମହତ୍ୟା

କାଶୀନଗର,୨୯।୮(ଡି.ଏନ୍.ଏ.): କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ୧୨ନଂ. ୱାର୍ଡର ଜଣେ ଯବାନ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ୱାଇ.ବାସୁଦେବ (୩୯)। ବାସୁଦେବ ୨୦୧୫ରେ ବିବାହ କରିଥିଲେ। ତାଙ୍କର ଗୋଟିଏ ୩ ବର୍ଷର କନ୍ୟା ସନ୍ତାନ ଅଛି। ପାରିବାରିକ କଳହ ଯୋଗୁ ଗତ ୨୬ ତାରିଖରେ ସେ ବିଷପାନ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କାଶୀନଗର ସ୍ୱାସ୍ଥ୍ୟକେନ୍ଦ୍ର, ପାରଳାଖେମୁଣ୍ଡି ପରେ ଶ୍ରୀକାକୁଲମ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ପୁଣି ପାରଳାଖେମୁଣ୍ଡି ଅଣାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ କାଶୀନଗର ଥାନାରେ ନଂ. ୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଘୋଷଣାରେ ବ୍ରହ୍ମପୁର କମିଶନରେଟ ପୋଲିସ ବ୍ୟବସ୍ଥା

## ଫାଇଲ ତଳେ ୭ବର୍ଷ ତଳ ନିଷ୍ପତ୍ତି

ବ୍ରହ୍ମପୁର ଅଫିସ,୨୯।୮

ବ୍ରହ୍ମପୁରରେ କମିଶନରେଟ ପୋଲିସ ବ୍ୟବସ୍ଥା ଲାଗୁ କରିବା ପାଇଁ ନିଷ୍ପତ୍ତି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ଦୁଇ ଦୁଇ ଥର ଘୋଷଣା କରିସାରିଛନ୍ତି। ବିଗତ ଦିନରେ ଭୁବନେଶ୍ୱର ଓ କଟକରେ ପୋଲିସ କମିଶନରେଟ୍ ପ୍ରତିଷ୍ଠା ଦିବସରେ ତତ୍କାଳୀନ ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ମଧ ଏହି କଥାକୁ ଦୋହରାଇଥିଲେ। କିନ୍ତୁ ଘୋଷଣା କାର୍ଯ୍ୟକାରୀ କରିବାରେ ବିଳମ୍ବ କରାଯାଉଛି। ଏପଟେ ବ୍ରହ୍ମପୁର ପୋଲିସ ଜିଲାରେ ଆବଶ୍ୟକ ମାନବ ସମ୍ବଳ ଓ ଭିତ୍ତିଭୂମି ଅଭାବ ଏହି ଘୋଷଣା କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସୋମବାର ଡିଜିପି ଅଭୟ ବ୍ରହ୍ମପୁର ଗସ୍ତରେ ଆସିବେ। ଏହି ପ୍ରସଙ୍ଗ ଉପରେ ସେ କ'ଣ କହିବେ ତା'ଉପରେ ସହରବାସୀଙ୍କ ନଜର ରହିଛି। ବ୍ରହ୍ମପୁର ସହରରେ ପୋଲିସ କମିଶନରେଟ ବ୍ୟବସ୍ଥା ଲାଗୁ କରିବା ପାଇଁ ସରକାର ପ୍ରାୟ ୭ବର୍ଷ ତଳେ ନିଷ୍ପତ୍ତି ନେଇଥିଲେ। ଏହି ସମ୍ପର୍କିତ ଏକ ବିସ୍ତୃତ ରିପୋର୍ଟ ରାଜ୍ୟ ସରକାର ତଥା ପୋଲିସ ମୁଖ୍ୟାଳୟକୁ ପଠାଯାଇଥିଲା। ପୋଲିସ କମିଶନରେଟ ବ୍ୟବସ୍ଥାରେ ୧୫ଟି ଥାନା ରହିବାକୁ ପ୍ରସ୍ତାବ ଦିଆଯାଇଥିଲା। ଅନ୍ୟପଟେ ବ୍ରହ୍ମପୁର ପୋଲିସ ଜିଲାରେ ଥିବା ୩ ଥାନାକୁ ଗଞ୍ଜାମ ପୋଲିସ ଜିଲାକୁ ସ୍ଥାନାନ୍ତର କରାଯିବା ସହିତ ଗଞ୍ଜାମ ପୋଲିସ ଜିଲାର ୩ଟି ଥାନାକୁ ବ୍ରହ୍ମପୁର ପୋଲିସ ଜିଲାରେ ମିଶାଇ କମିଶନରେଟ ପୋଲିସ ବ୍ୟବସ୍ଥା ଆରମ୍ଭ କରିବାକୁ ପ୍ରସ୍ତାବ ରହିଥିଲା। ପୂର୍ବରୁ ୨୦୧୮ ଫେବୃୟାରୀ ୧୮ରେ ତତ୍କାଳୀନ ପୋଲିସ ଡିଜି ଶର୍ମା ବ୍ରହ୍ମପୁରରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ସାଇବର ଥାନା ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ବ୍ରହ୍ମପୁରରେ ଗୋଷାଣୀନୂଆଗାଁ ଥାନା ନୂତନ କୋଠା ଉଦ୍‌ଘାଟନ ହେବ। ବ୍ରହ୍ମପୁର ପୋଲିସ ଜିଲାରେ ଥିବା ବୈଦ୍ୟନାଥପୁର, ବଡବଜାର, ଗୋଷାଣୀନୂଆଗାଁ , ଟାଉନ, ସଦର, ଗୋଳନ୍ଥରା, ଗୋପାଳପୁର ଥାନା ସମେତ ମହିଳା ଥାନା, ବିଦ୍ୟୁତ୍ ଥାନା, ଟ୍ରାଫିକ ଥାନା, ମେରାଇନ ଥାନା ପୋଲିସ କମିଶନରେଟ ବ୍ୟବସ୍ଥାରେ ସାମିଲ ହେବ। ପୂର୍ବରୁ ହୋଇଥିବା ପ୍ରସ୍ତାବ ଅନୁସାରେ ବ୍ରହ୍ମପୁର ପୋଲିସ ଜିଲାରେ ଥିବା ଜରଡ଼ା, ଦିଗପହଣ୍ଡି ଓ କେ.ନୂଆଗାଁ ଥାନାକୁ ଗଞ୍ଜାମ ପୋଲିସ ଜିଲାରେ ଅନ୍ତର୍ଭୁକ୍ତ କରାଯିବ ଏବଂ ଗଞ୍ଜାମ ପୋଲିସ ଜିଲାରେ ଥିବା ଛତ୍ରପୁର, ଚମାଖଣ୍ଡି ଓ ଆର୍ଜିପଲ୍ଲୀ ଥାନାକୁ କମିଶନରେଟ ପୋଲିସ ବ୍ୟବସ୍ଥାକୁ ଅଣାଯିବା ପାଇଁ ପ୍ରସ୍ତାବ ରହିଥିଲା। ଅନ୍ୟପଟେ କମିଶନରେଟ ପୋଲିସକୁ ୩ଟି ସବ୍‌ଡିଭିଜନରେ ବିଭକ୍ତ କରାଯାଇ ଜଣେ ଲେଖାଏ ଡିସିପି ଏହାର ଦାୟିତ୍ୱରେ ରହିବେ ବୋଲି ପ୍ରସ୍ତାବ ରଖାଯାଇଥିଲା। ଜଣେ ଲେଖାଏ ଡିସିପିଙ୍କ ଅଧୀନରେ ୫ ଥାନା ରହିବ ବୋଲି ପ୍ରସ୍ତାବ ରହିଥିଲା। ବ୍ରହ୍ମପୁରରେ କମିଶନରେଟ ପୋଲିସ ବ୍ୟବସ୍ଥା ଲାଗୁହେବା ପରେ ମାନବ ସମ୍ବଳ ବୃଦ୍ଧି ପାଇବ। ଫଳରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ସହଜ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

### ସରକାର ଠିକ୍ ସମୟରେ ନିଷ୍ପତ୍ତି ନେବେ



ବ୍ରହ୍ମପୁରରେ ପୋଲିସ କମିଶନରେଟ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବ୍ରହ୍ମପୁର ସହରର ଆଇନ ଶୃଙ୍ଖଳା ପରିସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣରେ ରହିଛି। ସରକାର ଏ ଦିଗରେ ସଚେତନ ରହିଛନ୍ତି। ପୋଲିସ କମିଶନରେଟ କାର୍ଯ୍ୟକାରୀ କରିବା ଉପରେ ସରକାର ଠିକ୍ ସମୟରେ ନିଷ୍ପତ୍ତି ନେବେ।

- ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁର ବିଧାୟକ

### ଘୋଷଣା ପାଲଟିଛି ଧୂଆଁବାଣ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘବର୍ଷ ହେଲା ବ୍ରହ୍ମପୁରରେ କମିଶନରେଟ ପୋଲିସ ବ୍ୟବସ୍ଥା ଘୋଷଣା କରିଛନ୍ତି। ବ୍ରହ୍ମପୁର ଡିଆଇଜି ପଦବୀ ଆଇଜି ହେଲା ପରେ କମିଶନରେଟ ଲାଗୁ ହେବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ସେଥିରେ ମଧ ବିଳମ୍ବ ହେଉଛି। ରାଜ୍ୟ ସରକାର ନିର୍ବାଚନକୁ ଦୃଷ୍ଟିରେ ରଖି ଏଭଳି ଘୋଷଣା କରିଛନ୍ତି, ଯାହାକି ଧୂଆଁବାଣ ସଦୃଶ ହୋଇଛି।

- କାହ୍ନୁ ଚରଣ ପତି, ପୂର୍ବତନ ଜିଲା ସଭାପତି, ଭାଜପା

### ତୁରନ୍ତ କାର୍ଯ୍ୟକାରୀ ହେବା ଦରକାର



ବ୍ରହ୍ମପୁର ସହର ମହାନଗରରେ ପରିଣତ ହେବା ପରେ ତୁରନ୍ତ ପୋଲିସ କମିଶନରେଟ କାର୍ଯ୍ୟକାରୀ ହେବା କଥା। କିନ୍ତୁ ଏଥିରେ ବହୁତ ବିଳମ୍ବ ହୋଇଛି। ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଅଞ୍ଚଳରେ ରହୁଥିବା ବ୍ରହ୍ମପୁର ପାଇଁ ଏହା ତୁରନ୍ତ ଲାଗୁ କରିବା ଦରକାର।

- ଅବନୀ ଗୟା, ଆବାହକ, ମାନବ ଅଧିକାର ସୁରକ୍ଷା ମଞ୍ଚ

### କେବଳ ଘୋଷଣାରେ ସୀମିତ, ଯୋଜନା ନାହିଁ



ଦୀର୍ଘବର୍ଷ ହେଲା ବ୍ରହ୍ମପୁରରେ ପୋଲିସ କମିଶନରେଟ ବ୍ୟବସ୍ଥା ଲାଗୁ କରାଯିବ ବୋଲି ସରକାର ଘୋଷଣା କରିଚାଲିଛନ୍ତି। କିନ୍ତୁ ଏହି ବ୍ୟବସ୍ଥା ଲାଗୁ କରିବା ପାଇଁ ଯେଉଁସବୁ ଭିତ୍ତିଭୂମି ଓ ସୁବିଧା ଦରକାର ପ୍ରଥମେ ତାହା ହେବା ଦରକାର। ସରକାର ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୁଆଁ ବୁଲାଇ ଚାଲିଛନ୍ତି। କିନ୍ତୁ ଏମିତି କିଛି ଯୋଜନା ନ ଥିବା ଜଣାପଡୁଛି।

- ରଘୁନାଥ ପ୍ରସାଦ ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ

## ନିଖୋଜ ଯୁବକଙ୍କ ମୃତଦେହ ଜବତ

ଭଞ୍ଜନଗର,୨୯।୮(ଡି.ଏନ.ଏ.)

ଗାଲେରି ଫାଣ୍ଡି ଅନ୍ତର୍ଗତ ବଦାଙ୍ଗୀର ଜଣେ ନିଖୋଜ ଯୁବକଙ୍କ ମୃତଦେହ ପୋଲିସ ରବିବାର ଦୋମୁହାଣି ନଦୀରୁ ଜବତ କରିଛି। ସେ ହେଲେ ସନ୍ତୋଷ ନାୟକ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଭଞ୍ଜନଗର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସନ୍ତୋଷ ଗତ ଗୁରୁବାର ସନ୍ଧ୍ୟାରେ ଜମିରୁ କାମ ସାରି ଫେରୁଥିଲେ। ବାଟରେ ନାଳ ପାର ହେବା ବେଳେ ହଠାତ୍ ଅଧିକ ବର୍ଷା ପାଣି ଚାଲି ଆସିବାରୁ ଭାସି ଯାଇଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ସକାଳେ ନଦୀରୁ ମୃତଦେହ ଠାବ ହୋଇଥିଲା ।

## ମହିଳା କନଷ୍ଟେବଲଙ୍କ ଆତ୍ମହତ୍ୟା

ଗୋପାଳପୁର,୨୯।୮(ଡି.ଏନ୍.ଏ.)

ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ମହିଳା କନଷ୍ଟେବଲ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଯାଜ୍ଞସେନୀ ବେହେରା। ବ୍ରହ୍ମପୁର ପୋଲିସ ଜିଲା ରିଜର୍ଭରେ ଯାଜ୍ଞସେନୀ ଏପିଆର୍ କନଷ୍ଟେବଲ ଥିଲେ। ଉକ୍ତ ପୋଲିସ ଜିଲା ରିଜର୍ଭରେ ଟି.ଜନାର୍ଦ୍ଦନ ଜେନା ମଧ ଏପିଆର୍ କନଷ୍ଟେବଲ ଥିଲେ। ଉଭୟେ ପ୍ରେମ ବିବାହ କରିଥିଲେ। ପାରିବାରିକ କଳହକୁ ନେଇ ଯାଜ୍ଞସେନୀ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାରକରି ଏମ୍‌କେସିଜିରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଶେଷ ୬ ସେକେଣ୍ଡ ସ୍ମରଣୀୟ: ଅମିତ ରୋହିଦାସ

ଛତ୍ରପୁର,୨୯।୮(ଡି.ଏନ.ଏ.)



ଉପସ୍ଥିତ ଅତିଥି ।

- ଜାତୀୟ କ୍ରୀଡ଼ା ଦିବସରେ ହକି ମ୍ୟାଚ
- ଯୋଗଦେଲେ ଅଲିମ୍ପିଆନ୍

ଭାରତୀୟ ହକିକୁ ନୂଆ ରୂପ ଦେଇଥିବା ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି। ଛତ୍ରପୁର ଷ୍ଟାଡିୟମରେ ଛତ୍ରପୁର ହକି ଆସୋସିଏଶନ ପକ୍ଷରୁ ରବିବାର ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଅନ୍ତର୍ଜାତୀୟ ହକି ଖେଳାଳି ତଥା ଟୋକିଓ ଅଲିମ୍ପିକ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଅମିତ ରୋହିଦାସ ଯୋଗଦେଇ ରାଜ୍ୟରେ ଏବେ କ୍ରୀଡାର ଉନ୍ନତି ପାଇଁ ସରକାର ପ୍ରୋତ୍ସାହନ ଯୋଗାଉଥିବା କହିଥିଲେ। ଏପରିକି ଦିନେ ଇଣ୍ଡିଆ ହକି ଟିମ୍‌କୁ କୌଣସି ଫ୍ରାଞ୍ଚାଇଜ ନେଉନଥିବା ବେଳେ ସେହି ବିପଦ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିମ୍‌କୁ ସହଯୋଗର ହାତ ବଢାଇ ଫ୍ରାଞ୍ଚାଇଜ ନେଇଥିଲେ। ବ୍ରୋଞ୍ଜ ପଦକ ପାଇଁ ମ୍ୟାଚର ଶେଷ ୬ ସେକେଣ୍ଡ ଜୀବନରେ ସ୍ମରଣୀୟ ହୋଇ ରହିବ ବୋଲି ଅମିତ କହିଥିଲେ। ଅମିତ ଛତ୍ରପୁରରେ ପହଞ୍ଚିବା ପରେ ତାଙ୍କୁ ଜନସାଧାରଣ ଓ କ୍ରୀଡାପ୍ରେମୀ ସ୍ୱାଗତ କରିଥିଲେ। ସେହିପରି ଅନ୍ୟତମ ଅତିଥିଭାବେ ଭାରତୀୟ ହକି ଖେଳାଳି ରୋସନ ମିଞ୍ଜ, ଷ୍ଟାଲିନ ଭିକ୍ଟର ମିଞ୍ଜ, ଅନ୍ତର୍ଜାତୀୟ ହକି ଅମ୍ପାୟର ନିଶାନ ଜ୍ୟୋତି ମହାନ୍ତି ପ୍ରମୁଖ ଉପସ୍ଥିତ ରହି ହକି ଖେଳ ଉପରେ ମତ ରଖିଥିଲେ। ସୁନ୍ଦରଗଡ଼ ଯେପରି ହକିର ଅନ୍ତୁଡିଶାଳ ଭାବେ ପରିଗଣିତ ସେହିପରି ଛତ୍ରପୁର ଦିନେ ହକିର ଅନ୍ତୁଡିଶାଳ ଭାବେ ଚିହ୍ନିତ ହେଉଥିଲା ବୋଲି ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରା କହିଥିଲେ। ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ଖେଳ ଉପରେ ଗୁରୁତ୍ୱ ଦେବା ସହ ପ୍ରତ୍ୟେକ ଅଞ୍ଚଳରେ ଇନ୍‌ଡୋର ଷ୍ଟାଡିୟମ କରାଯାଉଛି। ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଉଭୟ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ରବିବାର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ହୋଇଥିବାରୁ ତାଙ୍କ ଫେଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ସଂଘ ସଭାପତି ଅଜୟ ମହାପାତ୍ର, ଉପସଭାପତି ଟି.ଚନ୍ଦ୍ରଶେଖର ରାଓ, ବାଦଲ ପାଣ୍ଡି ଓ ସୁଦର୍ଶନ ନାହାକ ପ୍ରମୁଖ ଉପସ୍ଥିତ ଥିଲେ ।

## ଆମ୍ବେଦକର ସାଂସ୍କୃତିକ ଯୁବକ ସଂଘ ବୈଠକ

ବ୍ରହ୍ମପୁର ଅଫିସ୍,୨୯।୮

ଆମ୍ବେଦକର ସାଂସ୍କୃତିକ ଯୁବକ ସଂଘ ପକ୍ଷରୁ ଗେଟ୍ ବଜାର ଏନ୍‌ଜିଓ ହଲ୍‌ଠାରେ ରବିବାର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅଧିବକ୍ତା ନିରଞ୍ଜନ ପାଣିଗ୍ରାହୀ, ସଂଘ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ନାୟକ ଓ ଗଞ୍ଜାମ ଓକିଲ ସଂଘ ସମ୍ପାଦକ ପ୍ରଦୀପ କୁମାର ବେହେରା ଯୋଗ ଦେଇଥିଲେ। ସଂଘ ପକ୍ଷରୁ ସାମାଜିକ ସେବାମୂଳକ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିଲା। ଏଥିସହ ପରିତ୍ୟକ୍ତ ହୋଇ ପଡିଥିବା ସଂଘ କାର୍ଯ୍ୟାଳୟର ପୁନର୍ଗଠନ, ନୂତନ ନାମକରଣ, ପ୍ରତିମୂର୍ତ୍ତି ସ୍ଥାପନ ଓ ପାନୀୟ ଜଳର ସୁବନ୍ଦୋବସ୍ତ ପାଇଁ ଏମ୍‌ପି ଓ ବିଧାୟକଙ୍କ ନିକଟରେ ଦାବି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପସଭାପତି ଡ.ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ପଦ୍ମ ଚରଣ ନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ପୁରୁଷ ବକ୍ସିଂ ଦଳ ଚୟନ ଶିବିର

ବ୍ରହ୍ମପୁର ଅଫିସ,୨୯।୮



ମୁଖ୍ୟ ଅତିଥିଙ୍କ ସହ ବକ୍ସିଂ ସଂଘ କର୍ମକର୍ତ୍ତା କୋଚ, କ୍ରୀଡ଼ାବିତ୍‌ମାନେ ।

ଜାତୀୟ କ୍ରୀଡ଼ା ଦିବସ ଅବସରରେ ଗଞ୍ଜାମ ଜିଲା ବକ୍ସିଂ ସଂଘ ପରିଚାଳନାରେ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସୋମବାର ବ୍ରହ୍ମପୁର ଷ୍ଟାଡିୟମ୍ ନିକଟରେ ବରିଷ୍ଠ ପୁରୁଷ ବକ୍ସିଂ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବକ୍ସିଂ ସମ୍ପାଦକ କେ.ପ୍ରଭାକର ରାଓ, କୋଚ ଶିବରାମ ପାତ୍ର, ଲଡୁକିଶୋର ସାହୁ, ବକ୍ସର ସୁମନ ଦାଶ, ଜାତୀୟ ରେଫରି ଶିଶିର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବ୍ରହ୍ମପୁର ଓ ଛତ୍ରପୁର ସମେତ ଜିଲାର ବିଭିନ୍ନ ଏନ୍‌ଏସି ଓ ଗ୍ରାମାଞ୍ଚଳରୁ ପ୍ରାୟ ୩୦ଜଣ ୧୯ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୪୦ ବର୍ଷରୁ କମ୍ ବୟସର ବକ୍ସର ଯୋଗଦେଇଥିଲେ। ଏମାନଙ୍କ ମଧ୍ୟରୁ ୧୪ ବକ୍ସରଙ୍କୁ ଚୟନ କରାଯାଇଛି। ଚୟନ ପ୍ରାର୍ଥୀଙ୍କ ନିମନ୍ତେ ଜିଲା ବକ୍ସିଂ ସଂଘ ପକ୍ଷରୁ ୨ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ। ଏହାସହ ୧୪ ଜଣଙ୍କ ମଧ୍ୟରୁ ୧୦ ଜଣ କ୍ରୀଡ଼ାବିତ ସେପ୍ଟେମ୍ବର ୨ରେ କଟକ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଆମୋଚର ବକ୍ସିଂ ସଂଘ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ବରିଷ୍ଠ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାଗନେଇପାରିବେ।

## ଟଙ୍କା ଫେରାଇଲେ ବନ କର୍ମଚାରୀ

### ଫୋନ ପେ ରେ ଆସିଥିଲା ୪୦ ହଜାର

ଗଞ୍ଜାମ,୨୯।୮(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ପୁରୁଣାବନ୍ଧ ଗ୍ରାମର ଜଣେ ବନ କର୍ମଚାରୀ ଭୁଲରେ ଫୋନ ପେ ରେ ଆସିଥିବା ୪୦ ହଜାର ଟଙ୍କା ଫେରାଇଛନ୍ତି। ଏଥିପାଇଁ ବନ କର୍ମଚାରୀଙ୍କୁ ବିଭିନ୍ନ ମହଲରୁ ଉଚ୍ଚ ପ୍ରଶଂସା କରାଯାଇଛି। ଗୋପାଳପୁର ସହରର ଜି.ତାତେୟା ନାମକ ଯୁବ ବ୍ୟବସାୟୀ ୪୦ ହଜାର ଟଙ୍କା ପ୍ରକାଶ କୁମାର ବେହେରାଙ୍କୁ ପଠାଇବାର ଥିଲା। ସେ ତାଙ୍କ ଫୋନ ପେ ରେ ଭୁଲରେ ପ୍ରସାଦ କୁମାର ବେହେରାଙ୍କୁ ପଠାଇ ଦେଇଥିଲେ। ଏହା ବନ କର୍ମଚାରୀ ଜାଣିବା ପରେ ଏଟିଏମ୍‌ରୁ ଟଙ୍କା ଉଠାଇ ଶୀଘ୍ର ଉଭୟ ଅଞ୍ଚଳର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଫେରସ୍ତ କରିଥିଲେ।

## ଜନ୍ମାଷ୍ଟମୀ ଉପଲକ୍ଷେ ସତ୍ୟଙ୍କ କ୍ଷୁଦ୍ର କୃଷ୍ଣ ପ୍ରତିମୂର୍ତ୍ତି



ସତ୍ୟ ନିର୍ମାଣ କରିଥିବା କ୍ଷୁଦ୍ର ପ୍ରତିମୂର୍ତ୍ତି।

ବ୍ରହ୍ମପୁର ଅଫିସ୍,୨୯।୮

ଜନ୍ମାଷ୍ଟମୀ ଉପଲକ୍ଷେ ବାଲୁକାଶିଳ୍ପୀ ସତ୍ୟନାରାୟଣ ମହାରଣା କ୍ଷୁଦ୍ର କୃଷ୍ଣ ପ୍ରତିମୂର୍ତ୍ତି ନିର୍ମାଣକରି ପୁଣି ଥରେ ରେକର୍ଡ ହାସଲ ନେଇ ଲକ୍ଷ୍ୟ ରଖିଛନ୍ତି। ସତ୍ୟ ବର୍ତ୍ତମାନ କୃଷ୍ଣଙ୍କ ୨ଟି କ୍ଷୁଦ୍ର ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ପ୍ରଥମ ପ୍ରତିମୂର୍ତ୍ତିର ଉଚ୍ଚତା ୧ ସେଣ୍ଟିମିଟର ଥିବା ବେଳେ ଓସାର ୧.୫ ସେ.ମି. ରହିଛି। ଆଉ ଏକ ପ୍ରତିମୂର୍ତ୍ତିର ଉଚ୍ଚତା ୨ ସେଣ୍ଟି ମିଟର ଓ ଓସାର ୧.୪ ସେଣ୍ଟିମିଟର ରହିଛି। ସତ୍ୟ ପୂର୍ବରୁ ୩.୨ ସେଣ୍ଟି ମିଟରର କୃଷ୍ଣଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରି ଏସିଆ ବୁକ୍ ଅଫ୍ ରେକର୍ଡ ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ହାସଲ କରିଥିଲେ। ବର୍ତ୍ତମାନ ନିର୍ମାଣ କରିଥିବା କ୍ଷୁଦ୍ରତମ ପ୍ରତିମୂର୍ତ୍ତି ପୁଣି ଥରେ ରେକର୍ଡ ହାସଲ କରିବ ବୋଲି ସେ କହିଛନ୍ତି। ଏଥିସହ କରୋନା ମହାମାରୀ କିଭଳି ବିଶ୍ୱରୁ ସମ୍ପୂର୍ଣ୍ଣ ଦୂର ହେବ ସେ ନେଇ ଶ୍ରୀକୃଷ୍ଣଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## କୁଇନ ମିଶନ ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ବନ୍ଧୁ ମିଳନରେ ପୁରାତନ ଛାତ୍ର।

ବ୍ରହ୍ମପୁର ଅଫିସ,୨୯।୮

କୁଇନ ମିଶନ ହାଇସ୍କୁଲର ୧୯୮୩ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ ରବିବାର ବାବାଜୀତୋଟା ସାହିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଇନ୍ ମିଶନ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ବିରୁପାକ୍ଷ ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପରିଣତ ବୟସରେ ବି ଛାତ୍ରମାନେ ସଭିଙ୍କ ସାହାରା ହେବା ପାଇଁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ଏହି ଅବସରରେ କରୋନା ସମୟରେ ମୃତ୍ୟୁ ଘଟିଥିବା ନିଜର ସହପାଠୀ ଓ ଗୁରୁଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଉପସ୍ଥିତ ଥିବା ସମସ୍ତ ଛାତ୍ରମାନେ ପୁରୁଣା ଦିନର ସ୍ମୃତି ଚାରଣ କରି ଖୁସିବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀହାର ରଞ୍ଜନ ଦାସ, ସୁବ୍ରତ ସାହୁ, ଈଶ୍ୱର ମହାନ୍ତି, ଟି. ସାଇରାମ ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗଞ୍ଜାମରେ ଗଠନ ହୋଇନି ୨୧ ବ୍ଲକ ବିଜେଡି କମିଟି

ବ୍ରହ୍ମପୁର ଅଫିସ,୨୯।୮

- ଜିଲାର ୧୮ ସହରାଞ୍ଚଳରେ ସମାନ ଅବସ୍ଥା
- ସପ୍ତାହକ ମଧରେ ଘୋଷଣା ହେବା ସୂଚନା

ଗଞ୍ଜାମ ଜିଲାରୁ ପ୍ରତିନିଧିତ୍ୱ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଠିକଣା ସମୟରେ ହେବାର ବିଗୁଲ ବାଜିଛି। ପରବର୍ତ୍ତୀ ପର୍ଯ୍ୟାୟରେ ପୌର ନିର୍ବାଚନ କରାଯିବାର ସୂଚନା ଦିଆଯାଇଛି। ତେବେ ବିଜୁ ଜନତା ଦଳର ଏଯାବତ୍ ସବୁ ବ୍ଲକ ଏବଂ ସହରାଞ୍ଚଳ ସାଙ୍ଗଠନିକ କମିଟି ଗଠନ ଓ ନୂଆ କର୍ମକର୍ତ୍ତା ଘୋଷଣା ହୋଇନାହିଁ। ଜିଲାରେ ୨୨ ବ୍ଲକ ଏବଂ ବ୍ରହ୍ମପୁର ମହାନଗର ନିଗମ, ହିଞ୍ଜିଳି ମ୍ୟୁନିସିପାଲିଟି ଓ ୧୬ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଅଛି।

ସୂଚନାଯୋଗ୍ୟ, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଦଳରୁ ବହିଷ୍କାର କରିବା ପରେ ୨୦୨୦ ଫେବୃୟାରୀ ମଧଭାଗରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଜିଲା ବିଜେଡି ସଭାପତି କରାଗଲା। ଏହାର ପ୍ରାୟ ଦେଢ଼ ବର୍ଷ ପର୍ଯ୍ୟନ୍ତ ଜିଲା କମିଟି ଗଠନ ଓ ନୂଆ କର୍ମକର୍ତ୍ତା ଘୋଷଣା ହୋଇନଥିଲା। ଗତ ୭ ତାରିଖରେ ୪୦ କର୍ମକର୍ତ୍ତାଙ୍କୁ ନେଇ ଜିଲା କମିଟି ଏବଂ ୪୮ ଜଣିଆ କାର୍ଯ୍ୟକାରୀ ସଦସ୍ୟ ଘୋଷଣା ହୋଇଥିଲା। ଏହାର ୨୪ ଦିନ ବିତିଛି, କିନ୍ତୁ ଜିଲାସ୍ତରୀୟ ସାଙ୍ଗଠନିକ ସମ୍ମିଳନୀ ହୋଇନାହିଁ। ୨୨ ବ୍ଲକରୁ ପ୍ରଥମ କରି ଗତ ଶନିବାର ଗୋପାଳପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ ରଙ୍ଗେଇଲୁଣ୍ଡା ବ୍ଲକ କମିଟି ଓ ନୂଆ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଫଳରେ ଶାସକ ଦଳ ଗୋପାଳପୁରକୁ ଫୋକସ୍ କରିଥିବା ସ୍ପଷ୍ଟ ହୋଇଛି।

ରବିବାର ଜିଲା ସଭାପତି ଚ୍ୟାଉ ପଟ୍ଟନାୟକଙ୍କ ସୂଚନାନୁଯାୟୀ, ସପ୍ତାହକ ମଧ୍ୟରେ ୨୧ ବ୍ଲକ ଏବଂ ୧୮ ସହରାଞ୍ଚଳ ସାଙ୍ଗଠନିକ କମିଟି ଓ କର୍ମକର୍ତ୍ତା ଘୋଷଣା କରାଯିବାର ପ୍ରସ୍ତୁତି ସରିଛି। ଦଳର ନୂଆ ଫର୍ମାଟ ପ୍ରକାରେ କମିଟିଗୁଡ଼ିକରେ ଏକ ତୃତୀୟାଂଶ ମହିଳା ରହିବାର ବ୍ୟବସ୍ଥା ଥିବାରୁ ବିଳମ୍ବ ଘଟିଛି। ପୌର ଓ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ବିଜେଡି ସଂଗଠନକୁ ଏହି ଜିଲାରେ ଆହୁରି ଅଧିକ ଦୃଢ କରିବାକୁ ରଣନୀତି ହୋଇଛି। ୨୦୧୩ ପୌର ଏବଂ ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ବହୁ ସଫଳତା ମିଳିଥିଲା। ଆଗାମୀ ନିର୍ବାଚନରେ ମଧ ସେହି ଧାରା ବଜାୟ ରଖିବାକୁ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ଚ୍ୟାଉ ପଟ୍ଟନାୟକ କହିଛନ୍ତି। ୨୨ ବ୍ଲକରେ ଥିବା ୬୯ ଜିଲା ପରିଷଦ ଜୋନ୍ ମଧ୍ୟରୁ ଗତ ନିର୍ବାଚନରେ ବିଜେଡି ୬୪ ଜୋନ୍‌ରେ ବିଜୟୀ ହୋଇଥିଲା। ୪ଟି ଜୋନ୍‌ରେ ଭାଜପା ଜିତି ଦ୍ୱିତୀୟ ଏବଂ ଗୋଟିଏ ଜୋନ୍‌ରେ କଂଗ୍ରେସ ପ୍ରାର୍ଥୀ ନିର୍ବାଚିତ ହୋଇ ତୃତୀୟ ସ୍ଥାନକୁ ଖସିଥିଲା। ବିଜେଡି ପୁନର୍ବାର ଭଲ ପ୍ରଦର୍ଶନ କରିବ ବୋଲି ଜିଲା ସଭାପତି ଗଭୀର ଆଶା ରଖିଛନ୍ତି।

ଅପରପକ୍ଷରେ ବିଜେଡି ମହିଳାଙ୍କୁ ସବୁ କ୍ଷେତ୍ରରେ ଗୁରୁତ୍ୱ ଦେଉଥିବା ବେଳେ ଗଞ୍ଜାମରେ ମହିଳା ସଂଗଠନର ମଧ ଜିଲା କମିଟି ଗଠନ ହୋଇନାହିଁ। ଜୁନ ଶେଷ ସପ୍ତାହରେ ଏମ୍.ସୁଜାତାଙ୍କୁ ନୂଆ ସଭାନେତ୍ରୀ କରାଯାଇଛି। ଏହାର ୨ ମାସ ପୂରିଛି , କିନ୍ତୁ ଅନ୍ୟ କର୍ମକର୍ତ୍ତା ମନୋନୀତ ହୋଇନାହାନ୍ତି। ଖୁବ୍‌ଶୀଘ୍ର ମହିଳା ବିଜେଡି ସଂଗଠନ ପୁନର୍ଗଠିତ ହେବ ବୋଲି ଚ୍ୟାଉ ପଟ୍ଟନାୟକ ସୂଚନା ଦେଇଛନ୍ତି।